## ଚିନ୍ତା ବଢ଼ାଉଛି ୨୦ ନମ୍ବର ଜାତୀୟ ରାଜପଥ ସ୍ପିଡ ବ୍ରେକର

# କମିବା ବଦଳରେ ବଢୁଛି ଗାଡ଼ିର ବେଗ; ଅଞ୍ଚଳବାସୀ ହନ୍ତସନ୍ତ

ଆନନ୍ଦପୁର, ୭।୨(ସମିସ)



କେନ୍ଦୁଝର ଜିଲ୍ଲାର ଲାଇଫ୍‌ଲାଇନ୍ କୁହାଯାଉଥିବା ପାଣିକୋଇଲି-ରିମୁଳି ୨୦ ନମ୍ବର ଜାତୀୟ ରାଜପଥ ଏବେ ଲୋକମାନଙ୍କ ପାଇଁ ମୃତ୍ୟୁଯନ୍ତା ପାଲଟିଛି। ଶାଳପଡ଼ାରେ ଅସମ୍ପୂର୍ଣ୍ଣ ରାଜପଥ ଯୋଗୁ ଲୋକମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବାବେଳେ କୋଳିମାଟିରେ ସବୁ ସମୟରେ ଦୁର୍ଘଟଣା ଘଟୁଛି। ଏପଟେ ରାଜପଥ ବିଭାଗ ପକ୍ଷରୁ ଜାରିଆଡେ ସ୍ପିଡବ୍ରେକର ଲଗାଇଥିବାବେଳେ ଏହା ପୁଣି ନୂଆ ସମସ୍ୟା ସୃଷ୍ଟି କରିଥିବା ନେଇ ଗୁରୁତର ଅଭିଯୋଗ ହୋଇଛି।

୨୦ ନମ୍ବର ଜାତୀୟ ରାଜପଥରେ ଏବେ କ୍ରମାଗତ ଦୁର୍ଘଟଣା ବଢିଚାଲିଛି। ଏହାଦ୍ୱାରା ବ୍ୟାପକ ଧନଜୀବନ କ୍ଷତି ମଧ୍ୟ ହେଉଛି। ଏପଟେ ପରିବହନ ବିଭାଗ ପକ୍ଷରୁ ଦୁର୍ଘଟଣା ଜୋନ୍ ଚିହ୍ନଟ କରାଯାଇଥିବାବେଳେ ବିଭିନ୍ନ କେନ୍ଦୁଝର ଓ ଯାଜପୁର ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକରେ ସିସି କ୍ୟାମେରା ଲଗାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ନିୟମ ଉଲଂଘନକାରୀଙ୍କ ଗାଡିର ଚାଲାଣ କଟାଯିବାକୁ ଏହା କରାଯାଇଥିବା ନେଇ ପରିବହନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ କିଛି ଦିନ ତଳେ ରାଜପଥରେ ଲଗାଯାଇଥିବା ସ୍ପିଡବ୍ରେକର ଏବେ ଚିନ୍ତାର କାରଣ ହୋଇଛି। ସ୍ପିଡ୍‌ବ୍ରେକରରେ ଗାଡ଼ିର ବେଗ କମିବା ପରିବାର୍ତ୍ତେ ବଢି ଚାଲିଥିବା ମଧ୍ୟ ପରିଲକ୍ଷିତ ହୋଇଛି। ଏପରିକି ବଡବଡ ଟ୍ରକ, ହାଇୱା, ଟ୍ରେଲରଗୁଡିକ ସ୍ପିଡବ୍ରେକର ଅତିକ୍ରମ କରୁଥିବା ସମୟରେ ମଧ୍ୟ ବିକଟାଳ ଶବ୍ଦ ପ୍ରଦୂଷଣ କରୁଥିବା ପରିଲକ୍ଷିତ ହୋଇଛି। ପାରାଦୀପ ପାର୍ଶ୍ୱରୁ କେନ୍ଦୁଝରର ଖଣି ଅଞ୍ଚଳକୁ ଲୁହାପଥର ଲୋଡ କରିବାକୁ ଯାଉଥିବା ଟ୍ରକଗୁଡିକର ଶବ୍ଦ ନକହିବା ଭଲ। ବିଶେଷକରି ରାଜପଥ ପାର୍ଶ୍ୱରେ ରହୁଥିବା ପରିବାର ଏହାର ଯନ୍ତ୍ରଣା ଭୋଗୁଥିବା ଅଭିଯୋଗ ହୋଇଛି। ଖପରାଖାଇ ଛକରେ ରହିଥିବା ଅବସରପ୍ରାପ୍ତ ସେନା ଅଧିକାରୀ ପ୍ରଭାକର ବିଶ୍ୱାଳ ଏନେଇ ଜାତୀୟ ରାଜପଥ ବିଭାଗ ଅଧିକାରୀଙ୍କୁ ଏନେଇ ଅବଗତ କରିଛନ୍ତି। ସ୍ପିଡବ୍ରେକର ଦେଇ ଗାଡିଗୁଡିକ ଯିବା ସମୟରେ ତାଙ୍କ ଘର ସମ୍ପୂର୍ଣ୍ଣ ଭାବେ ଦୋହଲି ଯାଉଛି। ଏପରିକି ଦିନରେ ଘର ଭିତରେ ବସି ହେଉନାହିଁ କି ରାତିରେ ଶାନ୍ତିରେ ଶୋଇ ମଧ୍ୟ ହେଉନି ବୋଲି ଶ୍ରୀ ବିଶ୍ୱାଳ ପ୍ରକାଶ କରିଛନ୍ତି। ଘରର ଅନେକ ସ୍ଥାନରେ ଫାଟ ସୃଷ୍ଟି ହେବା ସହ କଂକ୍ରିଟ୍ ଖଣ୍ଡ ମଧ୍ୟ ଖସୁଥିବାରୁ ସବୁ ସମୟରେ ବିପଦ ଲାଗିରହିଛି। ଅନ୍ୟ କୌଣସି ଜାତୀୟ ରାଜପଥରେ ଏତେ ଉଚ୍ଚର ସ୍ପିଡବ୍ରେକର କରାଯାଇ ନଥିବାବେଳେ ଏଠାରେ କାହିଁକି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। କେବଳ ଏହି ପରିବାର ନୁହେଁ ରାସ୍ତାକଡ଼ରେ ରହୁଥିବା ଅନେକ ପରିବାର ଏହି ଅଭିଯୋଗ କରିଛନ୍ତି। ଏନଏଚ୍‌ଆଇ କର୍ତ୍ତୃପକ୍ଷ ତୁରନ୍ତ ଏହାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ବାଲ୍‌ଶିକ୍ଷା ସଂସ୍ଥାନ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ଆନନ୍ଦପୁର, ୭।୨ (ସମିସ): ୨୦୨୫ ଶିକ୍ଷାବର୍ଷର ସରକାରୀ ମେଧାବୃତ୍ତି ପରୀକ୍ଷାର ଫଳ ପ୍ରକାଶନ ପାଇବା ପରେ ଘଷିପୁରାସ୍ଥିତ କନକ ମଞ୍ଜରୀ ବାଲ ଶିକ୍ଷା ସଂସ୍ଥାନର ତିନିଜଣ କୃତୀ ଛାତ୍ର ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ରୋହିତେଶ ସାହୁ, ଅଭିଷେକ ଭଞ୍ଜ ସଫଳତା ହାସଲ କରିଥିବା ବେଳେ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ଦୁର୍ଗାପ୍ରସାଦ ସାହୁ ମଧ୍ୟ ଏହି ଗୌରବ ଅର୍ଜନ କରିଛନ୍ତି। ବିଦ୍ୟାଳୟର ନିର୍ଦ୍ଦେଶକ ଶ୍ରୀଧର ମହାରଣା ଏହି ତିନି ଜଣ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନଆଚାର୍ଯ୍ୟ ମନମୋହନ ଦାଶ, ଉପ ପ୍ରଧାନଆଚାର୍ଯ୍ୟ ସଂଗ୍ରାମ କେଶରୀ ପରିଡ଼ା, ପର୍ଯ୍ୟାୟ ପ୍ରମୁଖ ରୋନାଲି ଜେନା, ଆଚାର୍ଯ୍ୟ ନଟବର ସାହୁ, କାଳନ୍ଦୀ ମହାରଣା, ସତ୍ୟଜିତ ସାହୁ, ଶ୍ରୀଲୋଚନ ପୁହାଣ, ରବିନ୍ଦ୍ର କୁମାର ସାହୁ, ଚିତ୍ରସେନ ସାହୁ ଏବଂ ଆଚାର୍ଯ୍ୟା ରଶ୍ମିତା ସିଂ, ଶ୍ରୀୟାଶ୍ରୀ ମହାରଣା, ଦୀପ୍ତିମୟୀ ବେହେରା, ସ୍ନିଗ୍ଧାସରିତା ମହାରଣା, ସନ୍ଧ୍ୟାରାଣୀ ପଟ୍ଟନାୟକ, ଚିନ୍ମୟୀ ରାଉତ, ଜ୍ୟୋସ୍ନାରାଣୀ ସାହୁ, ପଦ୍ମିନୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ପାଟଣା ବ୍ଲକ୍ ପଞ୍ଚମ ଶ୍ରେଣୀ ମେଧା ବୃତ୍ତି ପରୀକ୍ଷା ଫଳ ପ୍ରକାଶିତ

ତୁରୁମୁଙ୍ଗା, ୭।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ପଞ୍ଚମ ଶ୍ରେଣୀ ମେଧା ବୃତ୍ତି ଓ ଅର୍ଥନୈତିକ ଅନଗ୍ରସର ବୃତ୍ତି ପରୀକ୍ଷା ଫଳ ୨୦୨୫ ଶୁକ୍ରବାର ପ୍ରକାଶ ପାଇଛି। ପ୍ରଥମ ସ୍ଥାନରେ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ନିଲେଶ କୁମାର ମହାନ୍ତ, ଦ୍ୱିତୀୟ ସ୍ଥାନରେ ମୁରୁଁସୁଆଁ ସରସ୍ୱତୀ ଶିଶୁ ମନ୍ଦିରର ଅଜୟ କୁମାର ସାହୁ, ତୃତୀୟ ସ୍ଥାନରେ ସ୍ୱାମପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଂଶୁମାନ ମହାନ୍ତ, ଚତୁର୍ଥ ତୁରୁମୁଙ୍ଗାର ସ୍ୱାତୀସ୍ମିତା ମହାନ୍ତ, ୫ମ ସ୍ଥାନରେ ବିଷ୍ଣୁପ୍ରିୟା ମହାନ୍ତ, ୬ଷ୍ଠ ସ୍ଥାନରେ ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଶିଷ କୁମାର ମହାନ୍ତ, ସପ୍ତମ ସ୍ଥାନରେ କେତାଙ୍ଗ ସିଦ୍ଧ ବିନାୟକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଲକ୍ଷ୍ମୀ ମୁଣ୍ଡା ରହିଥିବା ବେଳେ ଅର୍ଥନୈତିକ ଅନଗ୍ରସରରେ





ପ୍ରଥମ ସ୍ଥାନରେ କେତାଙ୍ଗ ସିଦ୍ଧ ବିନାୟକ ଶିଶୁ ବିଦ୍ୟାମନ୍ଦିର ତୁଷାରକାନ୍ତ ମହାନ୍ତ, ଦ୍ୱିତୀୟରେ ଅଙ୍ଗିକଳା ପ୍ରାଥମିକ ବିଦ୍ୟାଳୟର ଶୋଭାନି ପ୍ରିୟଦର୍ଶିନୀ ମହାନ୍ତ, ତୃତୀୟ ସ୍ଥାନରେ ସୁଣ୍ଡିପୋଷି ପ୍ରାଥମିକ ବିଦ୍ୟାଳୟର ଝୁମାରାଣୀ ମହାନ୍ତ, ଚତୁର୍ଥରେ କେତାଙ୍ଗା ସିଦ୍ଧ ବିନାୟକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସନ୍ଧ୍ୟାରାଣୀ ମହାନ୍ତ, ୫ମ ସ୍ଥାନରେ ସରସ୍ୱତୀ ଶିଶୁ ମନ୍ଦିର ମୁରୁସୁଆଁର ଦୀପ୍ତିମୟି ମହାନ୍ତ, ୬ଷ୍ଠ ସ୍ଥାନରେ ସ୍ୱାମପାଟଣା ସରସ୍ୱତୀ ଶିଶୁ ମନ୍ଦିରର ସ୍ୱାଧୀନ କୁମାର ସାହୁ, ସପ୍ତମ ସ୍ଥାନରେ ନେଉଳିପଶି ପ୍ରାଥମିକ ବିଦ୍ୟାଳୟର ବିନୋଦିନୀ ମହାନ୍ତ ରହିଛନ୍ତି। ନିଖିଳ ଉତ୍କଳ ଶିକ୍ଷକ ସଂଘ ଜିଲ୍ଲା ସମ୍ପାଦକ କମଳାକାନ୍ତ ପତି, ଶିକ୍ଷକ ପ୍ରମୋଦ ମହାନ୍ତ, ବୀରମୋହନ ଦ୍ୱିବେଦୀ, ଜ୍ୟୋତିର୍ମୟ ତ୍ରିପାଠୀ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ସାଇଁପାଳରେ ତ୍ରିନାଥ ମେଳା



ଆନନ୍ଦପୁର, ୭।୨ (ସମିସ): ଘସିପୁରା ବ୍ଲକ ତରୁଆଁ ପଞ୍ଚାୟତ ସାଇଁପାଳ ଗ୍ରାମରେ ୨୭ତମ ବାର୍ଷିକ ତ୍ରିନାଥ ଉତ୍ସବ ଅବସରରେ ପୂଜା ଓ ମେଳା ଧାର୍ମିକ, ଆଧାତ୍ମିକ ପରିବେଶ ସୃଷ୍ଟି କରିଛି। ୩ ଦିନ ଧରି ଏହି ପୂଜା ଉପଲକ୍ଷେ ଚଳିତ ବର୍ଷ ପୌଷ ମାସର ଶେଷ ରବିବାର ପ୍ରଥମେ କଳସ ବୁଡ଼ାଯାଇ ମେଳା ଆରମ୍ଭ ହୋଇ ପରେ ମାଘ ମାସର ୪ଟି ରବିବାରରେ ପୂଜା ସମାପନ ହୋଇଥାଏ। ଗତ ଶୁକ୍ରବାର ଗ୍ରାମର ଏକ ଶହରୁ ଅଧିକ ପୁରୁଷ କଳସ ଶୋଭାଯାତ୍ରାରେ ବାହାରି ମା' କଦଳେଇ ନୂଆ ପୋଖରୀରୁ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ପଣ୍ଡିତ ପ୍ରଶାନ୍ତ କୁମାର ହୋତା ତ୍ରିମୂର୍ତ୍ତିରେ ଜୀବନ୍ୟାସ ଦେଇ ପୂଜା ଆରମ୍ଭ କରିଥିଲେ। ରଶ୍ମିରଞ୍ଜନ ଦାଶ ଯଜ୍ଞ ଆରମ୍ଭ କରିବା ସହିତ ପୁରାଣ ପଠନ କରିଥି। ଗ୍ରାମବାସୀଙ୍କ ପକ୍ଷରୁ ଗୌରାଙ୍ଗ ପରିଡା ସଂକଳ୍ପରେ ବସିଥିଲେ। ପଡ଼ୋଶୀ ତରୁଆଁ, କେନ୍ଦୁଖୁଣ୍ଟା, ମହୁରୀ, ଅଳିଗାଁ, ସୋଲବନ୍ଧୀ ଓ ରାଉତପଡା ଗ୍ରାମରୁ ଭକ୍ତମାନେ ପୂଜା ମଣ୍ଡପ ନିକଟରେ ଭଜନ କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ସହ ଅନ୍ନପ୍ରସାଦ ସେବନ କରିଥିଲେ। ରବିବାର ପୂର୍ଣ୍ଣାହୁତିରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅମର ଜେନା, ଚିନ୍ତାମଣି ଜେନା, ଗଙ୍ଗାଧର ଜେନା, ପ୍ରଦ୍ୟୁମ୍ନ ଜେନା ଓ କହ୍ନେଇ ପରିଡା ପରିଚାଳନା କରୁଛନ୍ତି।

## ତାଳଗାଁ ନଦୀ ଘାଟରେ ତହସିଲଦାରଙ୍କ ଚଢ଼ଉ



ଆନନ୍ଦପୁର, ୭।୨ (ସମିସ): ଘସିପୁରା ତହସିଲ ଅନ୍ତର୍ଗତ ଗୋହିରା ପଞ୍ଚାୟତ ତାଳଗାଁ ବାଲିଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ ହେଉଥିଲା ବେଳେ ଶନିବାର ତହସିଲଦାର ଏକ ବାଇକରେ ଆସି ଗୋଟିଏ ଟ୍ରାକ୍ଟର ଜବତ କରିଛନ୍ତି। ଶତାଧିକ ଟ୍ରାକ୍ଟରରେ ବାଲି ନଦୀଘାଟରୁ ବୁହାଯାଇ ଗାଁର ବିଭିନ୍ନ ଜାଗାରେ ରଖିବା ପରେ ରାତିରେ ଜେସିବି ଦ୍ୱାରା ଲୋଡ କରି ବାହାରକୁ ନିଆଯାଉଥିବା ବେଳେ ପ୍ରଶାସନ ଧରପଗଡ଼ କରିପାରୁନାହିଁ। ଗାଁର ରାସ୍ତାଘାଟ ନଷ୍ଟକରି ସାରିଲେଣି। ୨୨ରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ବିନା ନମ୍ବରରେ ଗାଡି ଚଲାଇ ବାଲି ଉଠାଉଥିବା ବେଳେ ଖଣିବିଭାଗ ନିରବ ଥିବା ବେଳେ ପୁଲିସ ମଧ୍ୟ ଆଖି ବୁଜି ଦେଇଛି। ପ୍ରଶାସନକୁ ଖୋଲମଖୁଲା ଚ୍ୟାଲେଞ୍ଜ କରୁଛନ୍ତି ବାଲି ମାଫିଆ। ସରକାର ବାଲି ମାଫିଆଙ୍କୁ ସାବାଡ଼ କରିବା ପାଇଁ ଆଦେଶ ଦେଉଥିବା ବେଳେ ଘଷିପୁରା ତହସିଲ ତାଳଗାଁରେ ବେଆଇନ ବାଲି ଚାଲାଣକୁ ବନ୍ଦ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ତାଳଗାଁ ନିକଟରେ ବୈତରଣୀ ନଦୀରୁ ଚୋରା ବାଲି ଚାଲାଣ ଚରମ ସୀମାରେ ପହଞ୍ଚିଥିଲା। ତହସିଲଦାର ଅଭୟ ସ୍ୱାଇଁ ଚଢ଼ଉ କରିଥିଲା ବେଳେ ନଦୀ ଶଯ୍ୟାରେ ଥିବା ୪ଟି ଟ୍ରାକ୍ଟର ଖସି ପଳାଇଥିବା ଜଣାପଡ଼ିଛି। ଜବତ ଟ୍ରାକ୍ଟରକୁ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଛି। ଚଢ଼ଉରେ ଅତିରିକ୍ତ ତହସିଲଦାର ସରୋଜ ପଣ୍ଡା, ଅତିରିକ୍ତ ଆରଆଇ ବିଜୟ କୁମାର ହୋ, ନକୁଳ ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

## କେନ୍ଦୁଝରଗଡ଼ ଶିଶୁ ମନ୍ଦିର ଛାତ୍ରଛାତ୍ରୀଙ୍କ କୃତିତ୍ୱ

କେନ୍ଦୁଝର, ୭।୨(ସମିସ): କେନ୍ଦୁଝରଗଡ଼ ଜେଲରୋଡସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପଞ୍ଚମ ଶ୍ରେଣୀର ଛାତ୍ରୀ ସାଇ ଅର୍ପିତା ପ୍ରିୟଦର୍ଶିନୀ, ସୋନାଲି ପ୍ରିୟଦର୍ଶିନୀ ଜେନା, ସ୍ୱାତୀ ସ୍ୱାଗତିକା ବେହେରା ଓ ଛାତ୍ର ଜ୍ୟୋତିବନ୍ଦ୍ର ମହାପାତ୍ର ପ୍ରମୁଖ ପଞ୍ଚମ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବିଦ୍ୟାଳୟର ପ୍ରାର୍ଥନା ସମୟରେ ଆୟୋଜିତ ଏକ ସଭାରେ ଗୋଷ୍ଠୀ ଶିକ୍ଷାଧିକାରୀ ଓମ୍‌କାର ଅନ୍ୱେଷ ଉକ୍ତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଓ ପର୍ଯ୍ୟାୟ ପ୍ରମୁଖ ଦୟାନିଧି ମହାନ୍ତ ଉପସ୍ଥିତ ଥିଲେ। ଉକ୍ତ ଛାତ୍ରଛାତ୍ରୀଙ୍କ କୃତିତ୍ୱ ପାଇଁ ପରିଚାଳନା ସମିତି, ଛାତ୍ରଛାତ୍ରୀ ତଥା ଅଭିଭାବକମାନଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି।

## ନବବଧୂ ନିଖୋଜ ଅଭିଯୋଗ

ହାଟଡ଼ିହୀ, ୭।୨(ସମିସ): ନନ୍ଦିପଦା ଥାନା ଶାଳଣିଆଁ ପଞ୍ଚାୟତ ସୋଲପଟା ଗ୍ରାମରୁ ଜଣେ ନବବଧୂ ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୋଲପଟା ଗ୍ରାମର ନାରାୟଣ ମଲ୍ଲିକଙ୍କ ପୁଅ ବିଦ୍ୟାଧର ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଘୋଷରାମାଳ ଗ୍ରାମର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ଯୁବକ ଜଣକ କର୍ମକ୍ଷେତ୍ର ହାଇଦ୍ରାବାଦକୁ ପଳାଇଥିଲେ। ତିନି ଚାରିଦିନ ପୂର୍ବରୁ ଯୁବତୀଙ୍କ ବାପଘରକୁ ଫୋନ କରି ଝିଅ ପଳାଇଥିବା ସୂଚନା ଦେଇଥିଲେ। ଯୁବତୀଙ୍କ ବାପା ମାଆ ସୋଲପଟାରେ ପହଞ୍ଚି ଖୋଜାଖୋଜି କରି କିଛି ସନ୍ଧାନ ନପାଇବାରୁ ତାଙ୍କ ଝିଅ ନିଖୋଜ ହୋଇଥିବା ନେଇ ନନ୍ଦିପଦା ଥାନାରେ ଅଭିଯୋଗ କରିଛନ୍ତି।

## ଦେଓଗାଁ ମଣ୍ଡଳ କମିଟିର ବୈଠକ

ଆନନ୍ଦପୁର, ୭।୨ (ସମିସ): ଦେଓଗାଁ ମଣ୍ଡଳର ନୂତନ ଭାବେ ଘୋଷଣା କରାଯାଇଥିବା ୧୬ ଜଣିଆ କମିଟିକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ବାଇଧର ଚିନ୍ଦ୍ରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସମସ୍ତ ନବନିର୍ବାଚିତ ସଦସ୍ୟଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ବିସ୍ତୃତ ଆଲୋଚନା କରାଯାଇଥିଲା। ଦେଓଗାଁ ମଣ୍ଡଳକୁ ଜିଲ୍ଲାରେ ଏକ ଶ୍ରେଷ୍ଠ ଓ ଆଦର୍ଶ ମଣ୍ଡଳ ଭାବେ ଗଢ଼ି ତୋଳିବା ପାଇଁ ସମସ୍ତ ସଦସ୍ୟ ଏକ ସ୍ୱରରେ ସଂକଳ୍ପ ନେଇଥିଲେ। ଘସିପୁରା ବିଧାୟକ ପ୍ରାର୍ଥୀ ଡ ଶମ୍ଭୁନାଥ ରାଉତ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାଧାରଣ ସମ୍ପାଦିକା ଯଶସ୍ୱିନୀ ବଳ ଏବଂ ସାଂସଦ ପ୍ରତିନିଧି ଶିବେନ୍ଦ୍ର ଚକ୍ର ଯୋଗ ଦେଇଥିଲେ। ଅତିଥିମାନେ ସଂଗଠନକୁ ତୃଣମୂଳରୁ ଅଧିକ ଶକ୍ତିଶାଳୀ କରିବା ପାଇଁ କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ।

## ସୋମନାଥ ମହାନ୍ତିଙ୍କ ପରଲୋକ



ଯୋଡ଼ା, ୭।୨(ସମିସ): ଯୋଡା ସହରର ଜଣାଶୁଣା ଶିକ୍ଷକ ସୋମନାଥ ମହାନ୍ତି (୮୫)ଙ୍କ ପରଲୋକ ହୋଇଛି। ଗୋପ ମହାନ୍ତି କଲୋନୀସ୍ଥିତ ବାସଭବନରେ ଶନିବାର ଭୋର୍ ସମୟରେ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ସତ୍ୟରଂଜନ ମହାନ୍ତି, ଝିଅ ରଶ୍ମିରାଣୀ, କନିଷ୍ଠ ଝିଅ ଜ୍ୟୋସ୍ନା ରାଣୀ, ବଡ଼ ଜ୍ୱାଇଁ କମଳ ଲୋଚନ, ପୁତ୍ରବଧୂ ପାମି, ପୁତୁରା ବୋହୂ ସିମି, ସବିତା, ଲୁଇ, ଶାନ୍ତିଲତା, ପୁତୁରା ମାନସ ରଞ୍ଜନ, ଭାଗ୍ୟରଂଜନ, ଚିତ୍ତରଞ୍ଜନ, ନିରଞ୍ଜନ, ସମସ୍ତ ନାତିନାତୁଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଯୋଡା ସହରରେ ଏନେଇ ଶୋକର ଛାୟା ଖେଳି ଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ତାଙ୍କର ବହୁ ଛାତ୍ରଛାତ୍ରୀ ଶେଷ ଦର୍ଶନ କରିଥିଲେ। ସେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ପଶ୍ଚିମ ଯୋଡ଼ା ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ। ସେ ଜଣେ ଆଦର୍ଶ ଓ ଅନୁଶାସନପ୍ରିୟ ଶିକ୍ଷକ ଥିବାରୁ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ତିଆରି କରିପାରିଥିଲେ।

## ଖାଲିଆମେଣ୍ଟା ଧନେଇ ଉଚ୍ଚବିଦ୍ୟାଳୟ ବାର୍ଷିକ ଉତ୍ସବ




ଆନନ୍ଦପୁର, ୭।୨ (ସମିସ): ଘସିପୁରା ବ୍ଲକ ଖାଲିଆମେଣ୍ଟା ଧନେଇ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ ଦେବେନ୍ଦ୍ର ଜେନା, ମୁଖ୍ୟବକ୍ତା ଭାବେ ସରପଞ୍ଚ ବୃନ୍ଦାବନ ଜେନା, ସମ୍ମାନିତ ଅତିଥି ଭାବେ ପଞ୍ଚସଖା ଶିକ୍ଷାସେତୁ ସଭାପତି ବିଭୂତିଭୂଷଣ ଜେନା, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ରଙ୍ଗାଧର ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ବାର୍ଷିକ କ୍ରୀଡ଼ାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅପରାହ୍ଣରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ସ୍ୱାମପାଟଣା ଆଞ୍ଚଳିକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ତୁରୁମୁଙ୍ଗା, ୭।୨(ସମିସ): ପାଟଣା ମୁଖ୍ୟାଳୟ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମପାଟଣାର ୪୪ତମ ବାର୍ଷିକ ଉତ୍ସବ ଶନିବାର ଅଧକ୍ଷ ବିରେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବରେ ମହାବିଦ୍ୟାୟର ପ୍ରତିଷ୍ଠାତା ସମ୍ପାଦକ ତଥା ପୂର୍ବତନ ପାଟଣା ବ୍ଲକ ଅଧକ୍ଷ ବିଦ୍ୟାଧର ଦାଶ, ମୁଖ୍ୟବକ୍ତା ଭାବେ ଦଧିବାମନ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡ଼କ୍ଟର ଚିତ୍ତରଞ୍ଜନ ମିଶ୍ର, ସମ୍ମାନିତ ଅତିଥିଭାବେ ପାଟଣା ବ୍ଲକ୍ ଅଧକ୍ଷା ବୀଣାପାଣି ନାୟକ, ବଡପାଟଣା ସରପଞ୍ଚ ବିନତୀ ବାନାରା, ପାଟଣା ବିଧାୟକଙ୍କ ବ୍ଲକ ପ୍ରତିନିଧି କମଳାକାନ୍ତ ଦାଶ, ସମାଜେସବୀ ଅଜୟ ଦାଶ ଯୋଗ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରଯାଇଥିଲା। ଇଂରାଜୀ ଅଧାପକ ଅଶ୍ୱିନୀକୁମାର ସାହୁ, ଶରତ୍‌ଚନ୍ଦ୍ର ମିଶ୍ର ସଂଯୋଜନା କରିଥିବା ବେଳେ କ୍ୟାପଟେନ ଧର୍ମେନ୍ଦ୍ର ସାହୁ ପରିଚାଳନା କରିଥିଲେ। ଡେମନଷ୍ଟ୍ରେଟର ରଜତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନାର୍ଦ୍ଦନପୁରପାଟଣା ପ୍ରାଥମିକ ବିଦ୍ୟାଳୟର ପୁରସ୍କାର ବିତରଣ




ଆନନ୍ଦପୁର, ୭।୨(ସମିସ): ଘସିପୁରା ବ୍ଲକ ଅଳତି ପଞ୍ଚାୟତ ଜନାର୍ଦ୍ଦନପୁରପାଟଣାସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶିକ୍ଷାବିତ୍ ଘନଶ୍ୟାମ ବୋଇତେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଘସିପୁରା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, ମୁଖ୍ୟବକ୍ତା ରୂପେ ଲକ୍ଷ୍ମୀନାରାୟଣ ହାଇସ୍କୁଲ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ସାହୁ ଓ ସମ୍ମାନିତ ଅତିଥିରୂପେ ଜନାର୍ଦ୍ଦନପୁରପାଟଣା ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ତଥା ସୋଆ ବିଶ୍ୱବିଦ୍ୟାଳୟ ଡିନ୍ ଡ଼ଃ ସନ୍ତୋଷ ରାଉତ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେସନ୍ ସମ୍ପାଦକ ରଞ୍ଜିତ ପାତ୍ର, ସିଆରସିସି ବଳଭଦ୍ର ଜେନା, ଗଡବାନ୍ଦଗୋଡା ସମିତିସଭ୍ୟ ବିଜୟ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରିୟରଞ୍ଜନ ସ୍ୱାଇଁ, ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ବେହେରା, ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମମତା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ କଳ୍ପତରୁ ନାଥ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ପରେ ସଭାକାର୍ଯ୍ୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମମତା ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ କଳ୍ପତରୁ ନାଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଦୀପ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଡ ସନ୍ତୋଷ ରାଉତ ବିଦ୍ୟାଳୟର ୩ୟ, ୪ର୍ଥ ଓ ୫ମ ଶ୍ରେଣୀର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଦିପ୍ତୀମୟୀ ଦାସ, ଅଙ୍କିତା ଦାସ, ମଧୁସ୍ମିତା ଦାସଙ୍କୁ ୧ ହଜାର ଟଙ୍କା ପ୍ରଦାନ କରିଥିଲେ। ପିଲାଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଦିନିକିଆ ଦିବାରାତ୍ର ଭଲିବଲ: କରଞ୍ଜିଆ ଚାମ୍ପିଅନ

ତୁରୁମୁଙ୍ଗା, ୭।୨(ସମିସ)




ପାଟଣା ବ୍ଲକ ବଡପାଟଣା ପଞ୍ଚାୟତ ସ୍ୱାମ ବିରଜୟ ଗୋବିନ୍ଦପୁର ଶାସନ ଭଲିବଲ ଆସୋସିଏସନ୍ ତରଫରୁ ଶୁକ୍ରବାର ଦିବାରାତ୍ରି ସ୍ୱାମ ଭଲିବଲ ଟୁର୍ଣ୍ଣାମେଣ୍ଟ ସ୍ୱାମ ପାଲା ପଡିଆରେ ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ କରଞ୍ଜିଆ ସହ ସ୍ୱାମ ଟିମ ମଧ୍ୟରେ ଅନୁଷ୍ଠିତ ହେଇଥିଲା। ୩ ସେଟ୍ ବିଶିଷ୍ଟ ଫାଇନାଲରେ ୨ଟି ଯାକ ସେଟ୍ କରଞ୍ଜିଆ ବିଜୟୀ ହୋଇ ଚାମ୍ପିଅନ୍ ହୋଇଥିଲା। ରେଫରୀ ଭାବେ ରାଜେଶ ସାହୁ, କିଶାନ ଦାଶ ଖେଳ ପରିଚାଳନା କରିଥିଲା। ଖେଳର ଧାରା ବିବରଣୀକୁ ଶରତଚନ୍ଦ୍ର ମିଶ୍ର ଓ ରିଙ୍କୁ ସେଠୀ ପ୍ରଦାନ କରିଥିଲେ। ହେମନ୍ତ ବେହେରାଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଟଣା ଥାନା ଏଏସଆଇ ଧନେଶ୍ୱର ପାତ୍ର ସମ୍ମାନିତ ଅତିଥି ଭାବେ କ୍ରୀଡାବିତ୍ ତଥା ଶିଳ୍ପପତି ବିବେକାନନ୍ଦ ଦାଶ ଯୋଗ ଦେଇଥିଲେ। କମିଟିର ପ୍ରଭୁପ୍ରସାଦ ଦାଶ, ସୌମ୍ୟରଞ୍ଜନ ଦାଶ, କଳ୍ପତରୁ କର, ଭବତ୍ତୋଶ ଶତପଥୀ, ଆର୍ଯ୍ୟପ୍ରସାଦ ଦାଶ, ଶ୍ରୀନିବାସ ଶତପଥୀ, ଜ୍ୟୋତିର୍ମୟ ତ୍ରିପାଠୀ, ସୁମିତ ପତି, ପ୍ରକାଶ ଦାଶ, ସିଦ୍ଧାର୍ଥ ଦାଶ, ରମ୍ୟରଞ୍ଜନ ମିଶ୍ର ପରିଚାଳନା କରିଥିଲେ।

## ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ ଆଉଟ ରିଚ ପ୍ରୋଗ୍ରାମ

# ୫୦ ଆବେଦନକାରୀଙ୍କୁ ୨୦ କୋଟି ଋଣ

ବାଲେଶ୍ୱର, ୭ ।୨(ସମିସ)

କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ସହଜ ଋଣ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ଆହ୍ୱାନ କ୍ରମେ ସମଗ୍ର ଦେଶରେ ଆରମ୍ଭ ହୋଇଛି ଏମଏସଏମଇ କ୍ରେଡିଟ ଆଉଟ ରିଚ ପ୍ରୋଗ୍ରାମ। ଏଥିରେ ନୂତନ ଆଗ୍ରହୀ ଉଦ୍ୟମୀ ତଥା ପୂର୍ବରୁ କାର୍ଯ୍ୟରତ ଉଦ୍ୟୋଗୀମାନଙ୍କୁ ବ୍ୟବସାୟ ଆରମ୍ଭ ଅଥବା ବିସ୍ତାର ପାଇଁ ଆବଶ୍ୟକୀୟ ଋଣ ଆବେଦନ ଓ ଆବଣ୍ଟନ ପ୍ରକ୍ରିୟାକୁ ସରଳୀକୃତ କରାଯାଇ ହିତାଧିକାରୀଙ୍କୁ ତୁରନ୍ତ ଅନୁମୋଦନ ପତ୍ର ବଂଟନ କରାଯାଉଛି। ଏହି କ୍ରମରେ ଆଜି ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆର ବାଲେଶ୍ୱର ଶାଖା ପକ୍ଷରୁ ଏମଏସଏମଇ କ୍ରେଡିଟ ଆଉଟ ରିଚ ପ୍ରୋଗ୍ରାମ ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱର ପୌରପାଳିକାର କୋଅର୍ଡିନେଟିଂ ଅଫିସର ସାବିତ୍ରୀ ମିଶ୍ର ଓ ମିଶନ ମ୍ୟାନେଜର ଶଶିକାନ୍ତ ଘଡେଇ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଛୋଟ ଓ ମଧ୍ୟମ ବ୍ୟବସାୟୀଙ୍କ ପାଇଁ ଏଭଳି କାର୍ଯ୍ୟକ୍ରମ ବରଦାନ ସଦୃଶ ବୋଲି ମତ ଦେଇଥିଲେ। ସେଂଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆର ଭୁବନେଶ୍ୱର ସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟରେ ଅବସ୍ଥାପିତ ଡେପୁଟି ରିଜିଓନାଲ ମ୍ୟାନେଜର ସୁରେଶ ଚନ୍ଦ୍ରା ଏହି କାର୍ଯ୍ୟକ୍ରମରେ ଯୋଗଦେଇ କେଡିଟ ଆଉଟରିଚ ପ୍ରୋଗ୍ରାମର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ଚିଫ ମ୍ୟାନେଜର ଶରତ ଚନ୍ଦ୍ର ମହାପାତ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସମଗ୍ର ରାଜ୍ୟରେ ଚାଲିଥିବା କ୍ରେଡିଟ ଆଉଟରିଚ ପ୍ରୋଗ୍ରାମ ସମ୍ପର୍କରେ ଆଲୋଚନା କରିଥିଲେ। ବ୍ରହ୍ମପୁର, କଟକ ଓ ବାଲେଶ୍ୱର କ୍ଲଷ୍ଟରରେ ଏକକାଳୀନ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗୋଟିଏ ଦିନରେ ମୋଟ ୧୨୫କୋଟିରୁ ଅଧିକ ଟଙ୍କାର ଋଣ ପ୍ରଦାନ କରାଯାଇଥିବା ସୂଚନା ଦେଇଥିଲେ। ବାଲେଶ୍ୱର ଶାଖା ପରିଚାଳିକା ରିମି ପାଲ ଏଥିରେ ପୌରହିତ୍ୱ କରିଥିଲେ। ଏହି କାର୍ଯ୍ୟକମ ମାଧ୍ୟମରେ ବାଲେଶ୍ୱର ଜିଲ୍ଲାର ୭ଟି ଶାଖାରେ ୫୦ ଜଣ ଆବେଦନକାରୀଙ୍କୁ ୨୦କୋଟିରୁ ଅଧିକ ଟଙ୍କା ଋଣ ପ୍ରଦାନ କରାଯାଇଥିବା ସେ ସୂଚନା ଦେଇଥିଲେ। ସେଂଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ବାଲେଶ୍ୱର ଶାଖାର ଏଗ୍ରିକଲଚର ଫାଇନାନସ ଅଫିସର ଶୁଭ୍ରା ପଟ୍ଟନାୟକ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜଳେଶ୍ୱର ବ୍ରାଞ୍ଚ ଆସିଷ୍ଟାଂଟ ମ୍ୟାନେଜର ରମୋଲା ବେହେରା ମଂଚ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ ହିତାଧିକାରୀମାନଙ୍କୁ ଋଣ ଅନୁମୋଦନ ପତ୍ର ବଂଟନ କରିଥିଲେ। ଶେଷରେ ଆସିଷ୍ଟାଂଟ ବ୍ରାଂଚ ମ୍ୟାନେଜର ଦିଲ୍ଲୀପ ଦୀକ୍ଷିତ ଧନ୍ୟବାଦ ଦେଇଥିଲେ। ଆସିଷ୍ଟାଂଟ ବ୍ରାଞ୍ଚ ମ୍ୟାନେଜର ଗୟାଧର ବେହେରା, କଷ୍ଟମର ସର୍ଭିସ ଆସୋସିଏଟ ସୁବ୍ରତ କୁମାର ସାହୁ, ନିବେଦିତା ବାରିକ ଓ ସୁପ୍ରଭା ସିଂହ, ବ୍ୟାଙ୍କ ମିତ୍ର ସନ୍ଧ୍ୟାରାଣୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



ବାଲେଶ୍ୱର, ୭।୨(ସମିସ): ବାଲେଶ୍ୱର ରେମୁଣା ନିର୍ବାଚନ ମଣ୍ଡଳୀ ତଥା ସଦର ବ୍ଲକ ଅନ୍ତର୍ଗତ ଯୁଧିଷ୍ଠିରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ୨୭ନଂ ଜୋନ ର ଜିଲ୍ଲାପରିଷଦ ସଭ୍ୟା ବନଲତା ସେଠୀ, ମୁଖ୍ୟବକ୍ତା ଭାବେ ଗେଙ୍ଗୁଟି ସରପଞ୍ଚ ମଞ୍ଜୁଲତା ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ପୁଷ୍ପଶ୍ରୀ ରାଉତ, ପଳାଶପୁର ସିଆରସିସି ସ୍ନିଗ୍ଧାରାଣୀ ପଣ୍ଡା, ଅନ୍ୟତମ ଅତିଥି ସ୍ଥାନୀୟ ୱାର୍ଡ ମେମ୍ବର ସୁକାନ୍ତ କୁମାର ମହାନ୍ତି, ଉମାଶଙ୍କର ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସୁରେନ୍ଦ୍ର ସାମଲ, ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ସ , କ୍ଷେତ୍ରମୋହନ ସାମଲ, ପୂର୍ବତନ କ୍ଲଷ୍ଟର କୈଳାଶ ଚନ୍ଦ୍ର ସାହୁ, ପୂର୍ବତନ ପ୍ରଧାନ ଶିକ୍ଷୟତ୍ରୀ ଗୀତାରାଣୀ ମିଶ୍ର, ଅବସରପ୍ରାପ୍ତ ପୋଲିସ ଅଧିକାରୀ ସୁରେନ୍ଦ୍ର ରଥ ପ୍ରମୁଖ ଯୋଗଦେଇ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଜୟନ୍ତୀ କୁମାରୀ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ନିଗମାପ୍ରିୟା ପଣ୍ଡା ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସହକାରୀ ଶିକ୍ଷୟତ୍ରୀ କବିତା ରାଣୀ ଜେନା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୨ରୁ ସ୍ନୋଫେଷ୍ଟର ଅଷ୍ଟମ ସଂସ୍କରଣ




ବାଲେଶ୍ୱର,୭ ।୨(ସମିସ): ଚଳିତ ମାସ୧୨ତାରିଖରୁ ସ୍ନୋଫେଷ୍ଟର ଅଷ୍ଟମ ସଂସ୍କରଣ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ପରିସରରେ ଆରମ୍ଭ ହେବାକୁ ଯାଉଛି। ଏହା ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଓଡ଼ିଶାର ପ୍ରତିଭାମାନଙ୍କୁ ଉତ୍ସାହିତ କରିବାକୁ ଏହି କାର୍ଯ୍ୟକ୍ରମ କରାଯାଉଛି ବୋଲି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଏଥିରେ କୁହାଯାଇଛି ଚଳିତ ବର୍ଷ ୪ଟି ବର୍ଗର ସମୁଦାୟ୨୨ଟି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସବ୍ ଜୁନିୟର(୮ବର୍ଷ ବୟସରୁ କମ)ବର୍ଗର ରାମ୍ପୱାକ, ଆଧୁନିକ ନୃତ୍ୟ ଏବଂ ମ୍ୟୁଜିକ ଚେୟାର, ଜୁନିଅର (୮ରୁ୧୫ବର୍ଷ)ବର୍ଗରେ ଚିତ୍ରାଙ୍କନ, ଆଧୁନିକ ନୃତ୍ୟ, ଏକକ ଅଭିନୟ, କୁଇଜ, ସଙ୍ଗୀତ ଏବଂ ସିନିଅର(୧୫ରୁ ଅଧିକ ବର୍ଷ) ବର୍ଗରେ ଚିତ୍ରାଙ୍କନ, ଆଧୁନିକ ନୃତ୍ୟସଙ୍ଗିତ ଏବଂ ସିନିଅର ବର୍ଗରେ ଚିତ୍ରାଙ୍କନ,ଆଧୁନିକ ନୃତ୍ୟ,ସଙ୍ଗିତ, କୁଇଜ, ମେହେନ୍ଦି, ଗ୍ରୁପ ଡ୍ୟାନ୍ସ, ମେକ ଅପ, ରାମ୍ପ ୱାକ ଆଦି ଅନୁଷ୍ଠିତ ହେବ। ମହିଳା ବର୍ଗରେ ଚାମସ ଗୋଟି ପ୍ରତିଯୋଗିତ, ଗ୍ଲାସ ପିରାମିଡ, ମହିଳା ରାମ୍ପୱାକ ସହ ଓଡିଆ ପର୍ବପର୍ବାଣୀ ସହ ଅଙ୍ଗାଅଙ୍ଗି ଭାବେ ଜଡିତ ପିଠାପଣାକୁ ସଜାଗ ଓ ଲୋକ ଲୋଚନକୁ ଆଣିବା ପାଇଁ ଏଥର ମଧ୍ୟ 'ଉତ୍କଳୀୟ ପିଠା ର ପସରା'ନାମକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହାଛଡା ଲାଇଭ ରନ୍ଧା ଖାଦ୍ୟ ପ୍ରତିଯୋଗିତା କରାଯିବ ଯେଉଁଥିରେ ପୁରୁଷ ଏବଂ ମହିଳା ଉଭୟ ଭାଗନେବେ। ପ୍ରତିଯୋଗିତାରେ ଜିତିବା ସମସ୍ତ ପ୍ରତିଯୋଗୀଙ୍କୁ ମୋଟ ୫୦ହଜାର ଟଙ୍କାର ଉପହାର ପ୍ରଦାନ କରାଯିବ। ସମସ୍ତ ପ୍ରତିଯୋଗିତା ପାଇଁ ୯ତାରିଖରୁ୧୧ତାରିଖ ମଧ୍ୟରେ ନାମ ପଞ୍ଜୀକରଣ କରାଯିବ। ଏହାଛଡା ସୁନ୍ଦର ମୂର୍ତ୍ତିକଳା ତଥା ଶିଳ୍ପୀତ୍ୱକୁ ସମ୍ମାନ ଏବଂ ପ୍ରୋତ୍ସାହନ ଦେବା ପାଇଁ ୩ଟି ଶ୍ରେଷ୍ଠ ପ୍ରତିମା ପାଇଁ କ୍ଲବମାନଙ୍କୁ ସମ୍ମାନିତ କରାଯିବ।

## 'ସ୍ରଷ୍ଟା'ର ରାଜ୍ୟସ୍ତରୀୟ ବାର୍ଷିକ ନାଟକ ମହୋତ୍ସବ ଷଷ୍ଠ ସନ୍ଧ୍ୟା | ମଞ୍ଚସ୍ଥ ହେଲା ନାଟକ 'ଜୀବନ୍ୟାସ'



ବାଲେଶ୍ୱର, ୭।୨(ସମିସ): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ନାଟ୍ୟନୁଷ୍ଠାନ 'ସ୍ରଷ୍ଟା'ର ୪୮ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଷଷ୍ଠ ସନ୍ଧ୍ୟା ଗାନ୍ଧୀ ସ୍ମୃତି ଭବନରେ ଆୟୋଜିତ ହୋଇଯାଇଛି। ଏହି ସନ୍ଧ୍ୟା ସ୍ୱର୍ଗତ ନବଘନ ଦାସଙ୍କୁ ଉତ୍ସର୍ଗୀକୃତ କରାଯାଇଥିଲା। ଏହି ସନ୍ଧ୍ୟାକୁ ପ୍ରଯୋଜନା କରିଥିଲେ ତାଙ୍କର ପୁତ୍ର ତଥା 'ସ୍ରଷ୍ଟା' ଉପସଭାପତି ପ୍ରସନ୍ନ କୁମାର ଦାସ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାରତୀୟ ସଂସ୍କୃତି ପ୍ରଚାର ସମିତିର ପ୍ରବକ୍ତା ଗୋପାଲ ଖଣ୍ଡେଲୱାଲ୍ ଓ ସମ୍ମାନିତ ଅତିଥି ଭାବେ ପ୍ରମେୟର ଉତ୍ତର ଓଡ଼ିଶା ସଂସ୍କରଣର ମୁଖ୍ୟ କମଳାକାନ୍ତ ପତି, ଉପ ସଭାପତି ତଥା କଳାକାର ଓ ନାଟ୍ୟ ନିର୍ଦ୍ଦେଶକ ପ୍ରସନ୍ନ କୁମାର ଦାସ ବର୍ତ୍ତମାନ ସମୟରେ ନାଟକ କଳାର ବିକାଶ, ସମସ୍ତଙ୍କ ମଧ୍ୟରେ ସଚେତନତା ପାଇଁ ନାଟକର ବିଷୟ ବସ୍ତୁ କିପରି ସାମାଜିକ ଜୀବନ ଉପରେ ପ୍ରଭାବ ପକାଇ ସମାଜକୁ ଦିଗଦର୍ଶନ ଦିଏ ବୋଲି ମତ୍ ବ୍ୟକ୍ତ କରିଥିଲେ। 'ସ୍ରଷ୍ଟା' ସମ୍ପାଦକ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଅନୁଷ୍ଠାନ ସଭାପତି ଆଲୋକ କୁମାର ସାହୁ ପୌରୋହିତ୍ୟ କରିଥିଲେ। 'ସ୍ରଷ୍ଟା' ମୁଖପତ୍ରିକାର ସମ୍ପାଦକ ରତିକାନ୍ତ ମଲ୍ଲିକ, ମଞ୍ଚ ପରିଚାଳନା କରିଥିବାବେଳେ ପ୍ରସନ୍ନ କୁମାର ଦାସ ତାଙ୍କ ସ୍ୱର୍ଗତ ପିତା ନବଘନ ଦାସଙ୍କ ସ୍ମୃତିଚାରଣ କରିଥିଲେ। ପରେ ଭୁବନେଶ୍ୱରର 'ଶତାବ୍ଦୀର କଳାକାର' ନାଟ୍ୟାନୁଷ୍ଠାନର ନାଟକ 'ଜୀବନ୍ୟାସ' ମଞ୍ଚସ୍ଥ ହୋଇଥିଲା। ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ, ନାଟ୍ୟ ପ୍ରଶିକ୍ଷକ, ନାଟ୍ୟ ସଂଗଠକ ଧୀର ମଲିକଙ୍କ ଲିଖିତ ଓ ନିର୍ଦ୍ଦେଶିତ ନାଟକ ନିଜ କଳାକାରଙ୍କ ଦ୍ୱାରା ଅଭିନୀତ ହୋଇଥିଲା। ଅନିଲ, ବିଧାଂଶୁ, ସୌମ୍ୟ, ସତ୍ୟ, ସଂଗ୍ରାମ, ପିଂଟୁ, ମନୋଜ, ଅଶୋକ, ଅମନ୍, ଶୁଭମ୍, ସକଳେଶ୍ୱର, ଗଣେଶ, ବିଘ୍ନରାଜ, ମିହିର, ସୁଜିତ୍, ସନ୍ତୋଷ, ମନ ଦିପା, ହରିହର, ଆଦିତ୍ୟ, ରାଜ, ପ୍ରକାଶ, ପ୍ରିୟଙ୍କା, ଦେବାଶିଷ, କାର୍ତ୍ତିକ, କଳ୍ପନା, କଳିପ୍ରସନ୍, ବିନୟ, ନରେନ୍ଦ୍ର, ତ୍ରିପାଠୀଙ୍କୁ ନେଇ ମଞ୍ଚସ୍ଥ ନାଟକଟି ବେଶ ମନଲୋଭା ଥିଲା। 'ସ୍ରଷ୍ଟା' ର ଦିବାକର ମହାନ୍ତି, ଗୌରୀ ଶଙ୍କର ସାହାଣୀ, ସମରାଇ କର, ସଂଗ୍ରାମ ମହାନ୍ତି, ରାମ ଚନ୍ଦ୍ର ମହାପାତ୍ର, ସରୋଜ ରାଉତ, ରତିକାନ୍ତ ମଲିକ, ମଦନ ମୋହନ ସାହୁ, ଅଜିତ ପଣ୍ଡା, ପୁଷ୍ପିତା ପାଢ଼ୀ, ଗିରିଜା ଶଙ୍କର କର, ପ୍ରଦୀପ ଶତପଥି, ରଶ୍ମି ରଞ୍ଜନ ଦାସ, ବିଶ୍ୱଜିତ୍ ମହାପାତ୍ର, ମନୋରଞ୍ଜନ ଦାସ, ସ୍ୱାଗତିକା ବାରିକ, ସ୍ୱାତୀ ସ୍ମିତା ଦାସ ସୁମନା ପରିଡ଼ା, ସ୍ୱାତୀ ପଣ୍ଡା, ଋତୁରାଜ ବାରିକ, ସୌର ଜିତ୍ ସାହୁ, ଅନୁଭା ଶତପଥୀ, ସନ୍ତୋଷ କମିଳା ପ୍ରମୁଖ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ତ୍ୱରାନ୍ୱିତ' କର୍ମଶାଳା

ବାଲେଶ୍ୱର, ୭।୨(ସମିସ): ଚାମ୍ବର ଅଫ୍ ଇଣ୍ଡଷ୍ଟ୍ରିଜ୍ ଆଣ୍ଡ କମର୍ସ (ବିସିଆଇସି) ଠାରେ ରପ୍ତାନି ପ୍ରୋତ୍ସାହନ ଏବଂ ମାର୍କେଟିଂ ନିର୍ଦ୍ଦେଶାଳୟ (ଡିଇପିଏମ) ଆନୁକୂଲ୍ୟରେ 'ଏମ୍ ଏସ୍ ଏମ୍ ଇ କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ତ୍ୱରାନ୍ୱିତ କରିବା' (ରାମ୍ପ) କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହା ଏମ୍ ଏସ୍ ଏମ ଇ ଉପରେ ପ୍ରଚାର ଏବଂ ସଚେତନତା ଅଭିଯାନ ଅଟେ। ଭୌଗୋଳିକ ସଙ୍କେତ (ଜିଆଇ) ପ୍ରମାଣପତ୍ର ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷମତା ନିର୍ମାଣ ଉପରେ ସଚେତନତାକୁ ସୁଦୃଢ଼ କରିବା ପାଇଁ ଆଜିର କର୍ମଶାଳାରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର କାରିଗର, ଉଦ୍ୟୋଗୀ, ଶିଳ୍ପ ଅଂଶୀଦାର ଏବଂ ସରକାରୀ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ସୂର୍ଯ୍ୟକାନ୍ତ ବେହେରାଙ୍କ ସ୍ୱାଗତ ଭାଷଣ ଦେଇଥିଲେ। ଆର୍ଯ୍ୟ ଅଂଶୁମାନ ବଳବନ୍ତରାୟ ସ୍ୱତନ୍ତ୍ର ଅଭିଭାଷଣ ପ୍ରଦାନ କରି ପାରମ୍ପରିକ ହସ୍ତଶିଳ୍ପ ସଂରକ୍ଷଣ, ଉତ୍ପାଦ ବିଶ୍ୱସନୀୟତା ବୃଦ୍ଧି ଏବଂ କାରିଗରମାନଙ୍କ ପାଇଁ ଜୀବିକା ନିର୍ବାହର ସୁଯୋଗ ଉନ୍ନତ କରିବାରେ ଜିଆଇ ପ୍ରମାଣପତ୍ରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ବ୍ୟାପକ ବଜାରରେ ଓଡ଼ିଶାର ଅନନ୍ୟ ଉତ୍ପାଦଗୁଡ଼ିକୁ ପ୍ରୋତ୍ସାହିତ କରିଥିଲେ। ଡକ୍ଟର ପାୟୋଧର ପାଢ଼ୀ, ଜିଆଇ ପ୍ରାଧିକରଣ ଉପଭୋକ୍ତା ପ୍ରମାଣପତ୍ର ଉପରେ ବୈଷୟିକ ଅଧିବେଶନକୁ ପରିଚାଳନା କରିଥିଲେ। ଆଗାମୀ କମ ଦିନ ମଧ୍ୟରେ ବାଲେଶ୍ୱର ଜିଲ୍ଲାର ନୀଳଗିରି ପଥର ଜିଆଇ ମାନ୍ୟତା ମିଳିଯିବ ବୋଲି ସେ କହିଥିଲେ। ନୀଳଗିରି ପଥରରେ ନିର୍ମିତ ବାସନ, ମୂର୍ତ୍ତି ଓ ମନ୍ଦିର ବିଷୟରେ ସେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଚନ୍ଦନ କୁମାର ମାତୀଙ୍କ ଧନ୍ୟବାଦ ପ୍ରସ୍ତାବ ସହିତ କର୍ମଶାଳା ଶେଷ ହୋଇଥିଲା।




## ୧୧ରୁ ହିମାଂଶୁ ଦାସ ସର୍ବଭାରତୀୟ ଫୁଟବଲ




ବାଲେଶ୍ୱର, ୭।୨(ସମିସ): ଉତ୍ତର ଓଡ଼ିଶାରେ ଫୁଟବଲ ଖେଳର ଏକ୍ଟୁଡ଼ିଶାଳ ବାଲେଶ୍ୱରରେ ସର୍ବଭାରତୀୟ ହିମାଂଶୁ ଦାସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ହିମାଂଶୁ ହରି ଫାଉଣ୍ଡେସନ ଆନୁକୁଲ୍ୟରେ ଆସନ୍ତା ୧୧ରୁ ୧୮ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ସ୍ଥାନୀୟପରମିଟ ପଡ଼ିଆରେ ଅନୁଷ୍ଠିତ ହେବ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଫାଉଣ୍ଡେସନର ଚେୟାରମ୍ୟାନ ଯୁବ ଶିଳ୍ପଦ୍ୟୋଗୀ ସଞ୍ଜୟ ଦାସ ଏଥିରେ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନ କମିଟି ସମ୍ପାଦକ ସୂଜୟ ଆଚାର୍ଯ୍ୟ ଓ ସହ ସମ୍ପାଦକ ରାଜେଶ ମହାପାତ୍ର ଏଥିରେ ସମସ୍ତ ମ୍ୟାଚର ସଫଳ ଆୟୋଜନ ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଆୟୋଜନ କମିଟି ସଦସ୍ୟ ଡକ୍ଟର ଶ୍ରୀମାନ ଶ୍ରୀଚନ୍ଦନ ଧନ୍ୟବାଦ ଦେଇଥିଲେ।

## ରେମୁଣା ବିଧାନସଭା ମଣ୍ଡଳୀର ଏସିଡିସି ବୈଠକ




ବାଲେଶ୍ୱର,୭।୨(ସମିସ): ରେମୁଣା ବିଧାନସଭା ମଣ୍ଡଳୀ ସମ୍ବନ୍ଧୀୟ ୨୦୨୬ର ପ୍ରଥମ ବିଧାନସଭା ସ୍ତରୀୟ ବିକାଶ ସମନ୍ୱୟ କମିଟି ବୈଠକ ଆଜି ଜିଲ୍ଲାପାଳଙ୍କ ଆଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସରକାରୀ ଉପମୁଖ୍ୟ ସଚେତକ ଏବଂ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବାଲେଶ୍ୱର ହେମନ୍ତ କୁମାର ସିଂହ, ଜିଲ୍ଲା ପରିଷଦ ବାଲେଶ୍ୱରର ମୁଖ୍ୟ ଉନ୍ନୟନ ଅଧିକାରୀ-ସହ-ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ ଉପସ୍ଥିତ ଥିଲେ। ସମସ୍ତ ସମ୍ବନ୍ଧିତ ବିଭାଗୀୟ ଅଧିକାରୀ ଏବଂ ରାଜନୈତିକ ପ୍ରତିନିଧିମାନେ ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ବିଧାୟକ ଶ୍ରୀ ଦାସ ସମୀକ୍ଷା କରି ରେମୁଣା ବିଧାନସଭା ମଣ୍ଡଳୀରେ ଚାଲୁଥିବା ବିକାଶ କାର୍ଯ୍ୟର ପ୍ରଗତି ଉପରେ ଆଲୋଚନା କରିଥିଲେ। ସଦର ବ୍ଲକ୍‌ର ୧୩ଟି ଗ୍ରାମ ପଞ୍ଚାୟତ୍ ରେମୁଣା ବିଧାନସଭା ମଣ୍ଡଳୀ ଅନ୍ତର୍ଗତ। ରେମୁଣା ଏବଂ ବାଲେଶ୍ୱର ତହସିଲଦାରମାନଙ୍କ ଠାରୁ ଜାତି ପ୍ରମାଣପତ୍ର, ବିଭିନ୍ନ ପ୍ରକାର ପ୍ରମାଣପତ୍ର, ବସୁନ୍ଧରା ଯୋଜନା ଓ ଅନ୍ୟାନ୍ୟ ଭୂମି ସମ୍ବନ୍ଧୀୟ ବିଷୟରେ ସମୀକ୍ଷା କରାଯାଇଥିଲା। ପିଏଚ୍‌ଡି ଓ ଆର୍ ଡବ୍ଲୁ ଏସ ଏସ ବିଭାଗ ଦ୍ୱାରା ଅପୂର୍ଣ୍ଣ ପାଇପଲାଇନ୍ ପ୍ରକଳ୍ପ ଏବଂ ସେ ସମ୍ବନ୍ଧୀୟ ଉନ୍ନୟନ କାର୍ଯ୍ୟର ପ୍ରଗତି ସମୀକ୍ଷା କରାଯାଇଥିଲା। ଏନ୍ ଏଚ ଏମ ର ସହକାରୀ ଇଞ୍ଜିନିୟରଙ୍କୁ ଅପୂର୍ଣ୍ଣ ସବ୍-ସେଣ୍ଟର, ପି ଏଚ ସି ଓ ସି ଏଚ ସି ସମ୍ବନ୍ଧୀୟ ଅବସ୍ଥା ଉପସ୍ଥାପନ କରିବାକୁ କୁହାଯାଇଥିଲା। ଆର୍ ଡି ( ଗ୍ରାମ୍ୟ ଉନ୍ନୟନ) ବିଭାଗ ଏବଂ ଆର୍‌ଏଣ୍ଡବି (ପୂର୍ତ୍ତ) ବିଭାଗ ଦ୍ୱାରା ଚାଲୁଥିବା କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ସେହିପରି ସରକାରୀ ଆଇଟିଆଇ କଲେଜ୍ ଓ ଫାର୍ମାସ୍ୟୁଟିକାଲ୍ କଲେଜ୍ ସମେତ ଅନ୍ୟାନ୍ୟ ବିଭାଗମାନଙ୍କ ଠାରୁ ଜମିର ସ୍ଥିତି ଓ ଛାତ୍ରଛାତ୍ରୀମାନେ ଯଥାଯଥ ଭାବେ ନିଯୁକ୍ତି ପାଉଛନ୍ତି କି ନାହିଁ ତାହା ସମୀକ୍ଷା କରାଯାଇଥିଲା। ପର୍ଯ୍ୟଟନ ବିକାଶ ଅଧିକାରୀ କ୍ଷୀରଚୋରା ଗୋପୀନାଥ ମନ୍ଦିର ପ୍ରକଳ୍ପ ସହିତ ଅନ୍ୟାନ୍ୟ ପର୍ଯ୍ୟଟନ ପ୍ରକଳ୍ପର ପ୍ରଗତି ଉପରେ ଅବଗତ କରାଇଥିଲେ। ତାଳପଡ଼ା ପରି ଅନ୍ୟାନ୍ୟ ସୁନ୍ଦର ପର୍ଯ୍ୟଟନ ସ୍ଥଳକୁ ନେଇ ପ୍ରସ୍ତାବ ରଖିବାକୁ ସୁପାରିସ କରାଯାଇଥିଲା। ଶିକ୍ଷା, କୃଷି, ମତ୍ସ୍ୟ ଓ ଅନ୍ୟାନ୍ୟ ସମସ୍ତ ବିଭାଗର ସମଗ୍ର ସମୀକ୍ଷା କରାଯାଇଥିଲା। ପରବର୍ତ୍ତୀ ବୈଠକ ୩ ମାସରେ ବସିବ ବୋଲି ଶ୍ରୀ ଦାସ କହିଥିଲେ।

## ବିଦାୟକାଳୀନ ସମ୍ବର୍ଦ୍ଧନା



ବାଲେଶ୍ୱର, ୭ ।୨(ସମିସ): ନାବରା ମହିଳା ମହାବିଦ୍ୟାଳୟ ପ୍ରାଙ୍ଗଣରେ କାର୍ଯ୍ୟରତ ଅଧ୍ୟକ୍ଷା ସାଧନା ଦାସ ଅଧିକାରୀଙ୍କ ସଭାପତିତ୍ୱରେ ବିଦାୟୀ ଅଧ୍ୟକ୍ଷ ଅଜୟ ପ୍ରଧାନଙ୍କ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଶିଷ୍ଟ ଶିକ୍ଷାବିତ ବିଜୟ କୁମାର କର,ବାଞ୍ଛାନିଧି ସାହୁ, ସତ୍ୟରଞ୍ଜନ ସିଂ,ଭାଗବତ ସାହୁ, ପ୍ରାବନ୍ଧିକ ସତ୍ୟରଞ୍ଜନ ଦାସ, ବିଜୟ ସାମଲ, ବିଶ୍ୱନାଥ ଜେନା, କଲେଜର ଅଧ୍ୟାପିକା ପ୍ରତିଭା ବେହେରା, ସସ୍ମିତା ଗିରି, ଅଧ୍ୟାପକ ମନୋରଞ୍ଜନ ବେହେରା, ଲକ୍ଷ୍ମୀକୃଷ୍ଣ ନାୟକ, ଭବଶଙ୍କର ପ୍ରଧାନ, ମାନଗୋବିନ୍ଦ ରାଉତ, ଅଧ୍ୟାପିକା ଅଲିଭା ମଞ୍ଜରୀ ପାତ୍ର, କ୍ରିଷ୍ଣା ସୁର, ଦେବେନ୍ଦ୍ରନାଥ ଦାସ, ବିଶ୍ୱନାଥ ସାମଲ ଓ ସପନ ଦାସ ପ୍ରମୁଖ ଯୋଗଦେଇ ଥିଲେ।

## ଟ୍ରେନରେ କଟି ଯୁବକ ମୃତ

ସୋର, ୭।୨(ସମିସ): ସୋର ରେଳ ଷ୍ଟେସନରେ ଟ୍ରେନରେ କଟି ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି। ସୂଚନା ଅନୁସାରେ ସୋର ଥାନା କିଆରପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରା(୪୪) ଗତକାଲି ତାଙ୍କ ଭଉଣୀ ଘର ଦାଣ୍ଡହରିପୁରକୁ ଯାଉଥିବା କହି ଘରୁ ଆସିଥିଲେ। ମାତ୍ର ଆଜି ସକାଳେ ସୋର ରେଳ ଷ୍ଟେସନର ୨ ନମ୍ବର ପ୍ଲାଟଫର୍ମରେ ଏକ ମାଲବାହୀ ଟ୍ରେନ ତାଙ୍କୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ରେଳ କର୍ମଚାରୀମାନେ ଶବକୁ ଜବତ କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ପରିବାର ଲୋକେ ଷ୍ଟେସନରେ ପହଞ୍ଚି ଶବ ଚିହ୍ନଟ କରିବା ପରେ ସୋର ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିବା ଜଣାପଡିଛି।

## ଆରମ୍ଭ ହୋଇଛି ପ୍ରେମ ସପ୍ତାହ | ବେଙ୍ଗାଲୁରୁ ଗୋଲାପ ଗୋଟା ୪୦, ପଶ୍ଚିମବଙ୍ଗ ୨୦

ବାଲେଶ୍ୱର, ୭।୨(ସମିସ)

ବେଙ୍ଗାଲୁରୁ ଗୋଲାପ ଗୋଟାକୁ ୪୦ ଟଙ୍କା ଥିବାବେଳେ ପଶ୍ଚିମବଙ୍ଗ ଗୋଲାପ ଗୋଟାକୁ ୨୦ ଟଙ୍କା। ଏବେ ପ୍ରେମ ସପ୍ତାହ ପାଇଁ ବାଲେଶ୍ୱର ଫୁଲ ବଜାରରେ ଗୋଲାପର ଦର ଏମିତି ରହିଛି। ଅଲଗା ସମୟରେ ଗୋଲାପର ଦର ୧୦ ଟଙ୍କା ରହିଥିବା ବେଳେ ଏବେ ପ୍ରେମ ସପ୍ତାହରେ ଗୋଲାପ ଫୁଲର ଦର ଆକାଶ ଛୁଆଁ ରହିଛି। କାରଣ ବାଲେଶ୍ୱର ଫୁଲ ବଜାରରେ ନାହିଁ ବାଲେଶ୍ୱର ଗୋଲାପ। ନା ଗୋଲାପ ଫୁଲ ଚାଷ ହେଉଛି ନା ଗୋଲାପ ଉତ୍ପାଦନ ହେଉଛି। ବାଲେଶ୍ୱରରେ ଗୋଲାପ ଫୁଲର ଚାହିଦା ଥିଲେ ବି ଏଠାରେ ଗୋଲାପ ଚାଷ ନାହିଁ। ବର୍ଷ ତମାମ ଗୋଲାପ ଫୁଲର ଚାହିଦା ରହିଛି। ତେବେ ଏହି ସମୟରେ ଗୋଲାପ ନେବା ପାଇଁ ଦୋକାନରେ ମଧ୍ୟ ଗହଳି ଜମୁଛି। ସୂଚନାଯୋଗ୍ୟ, ଭାଲେଣ୍ଟାଇନ ଡେ' ପାଇଁ ବଜାରରେ ଫୁଲ ପାଇଁ ଏବେଠାରୁ ଭିଡ଼ ଧରିଲାଣି। ପଶ୍ଚିମବଙ୍ଗ, ବେଙ୍ଗାଲୁରୁ ଭଳି ମହାନଗରୀରୁ ବାଲେଶ୍ୱରର ଫୁଲ ବ୍ୟବସାୟୀ ତଥା ଦୋକାନୀମାନେ ଗୋଲାପ ବରାଦ ଦେବାରେ ଲାଗିଛନ୍ତି। ଅନ୍ୟଦିନରେ ଗୋଲାପ ଫୁଲ ଗୋଟା ପିଛା ୫-୧୦ ଟଙ୍କାରେ ବିକ୍ରି ହୁଏ, କିନ୍ତୁ ଭାଲେଣ୍ଟାଇନ ଦିନ ପାଇଁ ଦର ୨୦-୪୦ ଟଙ୍କାକୁ ବଢ଼ିଛି। ବିଭିନ୍ନ ରଙ୍ଗ ମଧ୍ୟରେ ଲାଲ ରଙ୍ଗ ଗୋଲାପର ଚାହିଦା ଏହି ସମୟରେ ବଢ଼ିଛି। ବର୍ଷର ଅଧିକାଂଶ ସମୟରେ ଆବଶ୍ୟକ ପଡେ ଗୋଲାପ ଫୁଲ। ଫୁଲତୋଡା ହେଉ ଅବା ବାହାଘର, ବ୍ରତ, ସାଂସ୍କୃତିକ କାର୍ଯ୍ୟକ୍ରମ, ନୂଆ ବର୍ଷ, ପ୍ରେମ ସପ୍ତାହ ଆଦି ପାଇଁ ଖୋଜା ପଡେ ଗୋଲାପ ଫୁଲ। ହେଲେ ବାଲେଶ୍?ରରେ ବର୍ଷ ବର୍ଷ ଧରି ନାହିଁ ଗୋଲାପ ଫୁଲ ଚାଷ। ଫଳରେ ବାଲେଶ୍ୱର ଫୁଲ ବ୍ୟବସାୟୀ ଫୁଲ ପାଇଁ ବାହାର ରାଜ୍ୟ ଉପରେ ନିର୍ଭର କରୁଛନ୍ତି। ଗୋଲାପ ପାଇଁ ବର୍ଷ ତମାମ୍ ପଶ୍ଚିମବଙ୍ଗ ଓ ବେଙ୍ଗାଲୁରୁ ଉପରେ ନିର୍ଭରଶୀଳ। ଶତ ପ୍ରତିଶତ ଫୁଲ ପଶ୍ଚିମ ବଙ୍ଗରୁ ବାଲେଶ୍ୱରକୁ ଆମଦାନୀ ହେଉଛି।

ପ୍ରକାଶ ଥାଉ କି, ବାଲେଶ୍ୱର ସହରରେ ପ୍ରାୟ ୧୫ ଦୋକାନ ରହିଛି। ସହରରେ ଗଡ଼ଗଡ଼ିଆ, ଆଇଟିଆଇ, ଫାଣ୍ଡି ଛକ, ଷ୍ଟେସନ ଛକ, ହେମକାପଡା ଆଦି ଛକରେ ଫୁଲ ଦୋକାନ ରହିଛି। ଯେଉଁଠି ଗୋଲାପ ଫୁଲ ମଧ୍ୟ ବିକ୍ରି ହୋଇଥାଏ। ଚାହିଦା ଅନୁସାରେ ପ୍ରତିଦିନ ସକାଳେ କଲିକତାରୁ ଫୁଲ ଗାଡ଼ି ଷ୍ଟେସନ ଛକରେ ଗାଡ଼ି ଲାଗେ। ସେଠାରୁ ଅର୍ଡର ମୁତାବକ ଫୁଲ ଦୋକାନୀ ଫୁଲ ନେଇଥାନ୍ତି। ଷ୍ଟେସନ ଛକ ସ୍ଥିତ ଥିବା ଝାଡେଶ୍ୱର ଫୁଲ ଦୋକାନୀ କହିଛନ୍ତି, ବାଲେଶ୍ୱରରେ ଗୋଲାପ ଫୁଲ ମିଳେ ନାହିଁ। ସବୁବେଳେ କଲିକତାରୁ ଆସୁଛି ଗୋଲାପ। ବିଶେଷକରି ପଶ୍ଚିମବଙ୍ଗ ଦେଉଳିଆ, କୋଲାହାଟ, ହାୱଡା ଆଦି ବଜାରରୁ ଗୋଲାପ ବାଲେଶ୍ୱରକୁ ଆସେ। ବିଶେଷକରି ବାହାଘର ସମୟ ବା ଭାଲେଣ୍ଟାଇନ ଡେ' ରେ ଆମେ ଅଧିକ ଗୋଲାପ କିଣିକି ଆଣୁ। ଆଜି ୫୦୦ ଗୋଲାପ ମଗାଯାଇଥିଲା। ପୁଣି ଆବଶ୍ୟକ ହେବ ଆଜି ରାତିରେ ମଗାଇଲେ କାଲି ସକାଳେ ଫୁଲ ପହଞ୍ଚିଯିବ। ଅନ୍ୟଦିନରେ କମ୍ ଗୋଲାପ ଅଣାଯାଏ। ତେବେ ଅନ୍ୟଦିନରେ ଗୋଲାପ ଗୋଟା ୧୦ ଟଙ୍କା ଥାଏ। ଏବେ ୨୦ ଟଙ୍କା ଅଛି। କିଣାକୁ ନେଇ ବିକ୍ରି ଉପରେ ନିର୍ଭର କରେ। ୪ ପ୍ରକାର ରଙ୍ଗର ଗୋଲାପ। ଧଳା, ନାଲି, ଗୋଲାପୀ ଓ ହଳଦିଆ ରଙ୍ଗର ଗୋଲାପ ଫୁଲ ରହିଛି। ବାଲେଶ୍ୱରରେ ଗୋଲାପ ଚାଷ କି ଉତ୍ପାଦନ ନାହିଁ। ସେଥିପାଇଁ ଆମେ କଲିକତାରୁ ଆଣୁଛୁ ଗୋଲାପ। ଏଠାରେ ଯଦି ଗୋଲାପ ଚାଷ ହୁଅନ୍ତା ଆମକୁ ମଧ୍ୟ ସୁବିଧା ହୁଅନ୍ତା। ଫୁଲ ପାଇଁ ପଶ୍ଚିମବଙ୍ଗ ଉପରେ ନିର୍ଭର କରିବାକୁ ପଡନ୍ତାନି। ତେବେ ଏବେ ପ୍ରେମ ସପ୍ତାହ ଥିବାରୁ କଲିକତା ସହିତ ବେଙ୍ଗାଲୁରୁରୁ ମଧ୍ୟ ଭଲ ଗୋଲାପ ବିକ୍ରି ପାଇଁ ଆଣିଛୁ'।



### 'ପ୍ରୋତ୍ସାହନ ଅଛି, ଚାଷ ନାହିଁ'

ଗୋଲାପ ଚାଷ ପାଇଁ ପ୍ରୋତ୍ସାହନ ଅଛି। ହେଲେ ଚାଷୀ ଚାଷ କରୁନାହାନ୍ତି। ଫଳରେ ବିଭାଗର ଟାର୍ଗେଟ ମଧ୍ୟ ପୂରଣ ହେଉନାହିଁ। ଅତି କମ୍‌ରେ ଜଣଙ୍କ ପାଖରେ ୨୫ ଡିସିମିଲ ଜାଗା ଥିଲେ ଜଣେ ଗୋଲାପ ଚାଷ କରିପାରିବ। ସେମାନଙ୍କ ପାଇଁ ସବ୍ ସିଡି ବ୍ୟବସ୍ଥା ମଧ୍ୟ ରହିଛି। ବାଲେଶ୍ୱର ଜିଲ୍ଲାରେ କେହି ବି ଚାଷୀ ଚାଷ କରିବାକୁ ଆଗ୍ରହ କରୁନାହାନ୍ତି। ଆଜିଯାଏଁ କେହି ବି ଗୋଲାପ ଚାଷ କରିନାହାନ୍ତି। ଫଳରେ ଯୋଜନାର ସଫଳତା ନାହିଁ। ନ୍ୟାସନାଲ ହର୍ଟିକଲଚର୍ ମିଶନରେ ଗୋଲାପ ଚାଷ କଲେ ୪୦ ପ୍ରତିଶତ ସବ୍ ସିଡି ଥିବାବେଳେ ଏସ୍ ଏଚ ଜି ଗ୍ରୁପ୍ ପାଇଁ ଅଧିକା ୩୦ ପ୍ରତିଶତ ସବ୍ ସିଡି ରହିଛି। କିନ୍ତୁ ଚାଷ ହେଉନାହିଁ। ଫୁଲର ମାର୍କେଟିଙ୍ଗ୍ ପାଇଁ ସୁବିଧା ନଥିବାରୁ ଚାଷୀ ଗୋଲାପ ଚାଷ ପ୍ରତି ଆଗ୍ରହୀ ହେଉନଥିବା ଜିଲ୍ଲା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି'।

# ଭତ୍ତା ପ୍ରଦାନର ଦିନକ ପରେ ଫେରାଇ ନେଲେ

ଜଳେଶ୍ୱର, ୭।୨ (ସମିସ)

ଜଳେଶ୍ୱର ବ୍ଲକରେ ଚାଲିଛି ଅନ୍ଧେର ରାଜତ୍ୱ। କୁଜିନେତା ଓ ଦଲାଲ ମାନଙ୍କ କବଜାରେ ଜଳେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟ। ସରକାରୀ କର୍ମଚାରୀ ମାନେ ଅର୍ଥ ଲୋଭରେ ଅନ୍ଧ ଭାବରେ ଦାୟିତ୍ୱ ସମ୍ପନ୍ନ କରୁଥିବାର ଦେଖିବାକୁ ମିଳୁଛି। ସୂଚନାନୁଯାୟୀ ଗତ ୨୯/୦୩/୨୦୨୫ରେ ଦକ୍ଷିଣ ପ୍ରହରାଜପୁର ଗ୍ରାମ ପଞ୍ଚାୟତର ନିରଂଜନ ବେହେରାଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ବେହେରା (୬୦)ଙ୍କୁ ମଧୁବାବୁ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ୩ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମାତ୍ର ଗୋଟିଏ ଦିନ ପରେ ଉକ୍ତ ଅର୍ଥ ଭୁଲରେ ପ୍ରଦାନ କରାଯାଇଛି କହି ଉକ୍ତ ହିତାଧିକାରୀଙ୍କ ନିକଟରୁ ଭତ୍ତା ବାବଦ ଅର୍ଥ ଫେରାଇ ଅଣାଯାଇଥିଲା। ୬୦ବର୍ଷର ବୃଦ୍ଧାଙ୍କୁ ଭତ୍ତା ପ୍ରଦାନର ଦିନକ ପରେ ତାଙ୍କ ଠାରୁ ଅର୍ଥ ଫେରାଇ ଆଣିବା ବୃଦ୍ଧାଙ୍କ ମାନସିକ ସ୍ଥିତି କଥା ଚିନ୍ତାର ବିଷୟ। ଉକ୍ତ ବୃଦ୍ଧା ଦୀର୍ଘଦିନରୁ ଭତ୍ତା ପାଇଁ ଆବେଦନ କରିବା, ବାରଂବାର ନେତା, କୁଜି ଓ ଦଲାଲ ମାନଙ୍କ ଦ୍ୱାରା ପ୍ରରୋଚିତ ହୋଇ ବାରଂବାର ବ୍ଲକ କାର୍ଯ୍ୟାଳୟରୁ ଘୁରିବା ପରେ ଶେଷରେ ଭତ୍ତା ହାତରେ ଧରି ଘରକୁ ଫେରିବା ଓ ଗୋଟିଏ ଦିନ ପରେ ପୁଣି କାର୍ଯ୍ୟାଳୟର କର୍ମଚାରୀ ଉକ୍ତ ଭତ୍ତା ଟଙ୍କା ଫେରାଇ ଆଣିବା ଏହା ବୃଦ୍ଧାଙ୍କୁ ମାନସିକ ନିର୍ଯ୍ୟାତନା ସହିତ ସମାନ ବୋଲି ବୃଦ୍ଧା ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କିଛିଦିନ ମଧ୍ୟରେ ତାଙ୍କୁ ଭତ୍ତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇ ଆଜକୁ ବର୍ଷ ଅତିକ୍ରମ କରିବାକୁ ବସିଛି ମାତ୍ର ଭତ୍ତା ମିଳିବା ବଦଳରେ ବ୍ଲକ ଅଧିକାରୀମାନେ ମୁହଁକୁ ଚାହୁଁ ନ ଥିବା ଅତି ଦୁଃଖର ସହିତ ଅନ୍ତରର କଥା କହିଛନ୍ତି ବୃଦ୍ଧାଙ୍କ ପରିବାର ସଦସ୍ୟ।




**ପ୍ରତିଶ୍ରୁତିକୁ ବର୍ଷେ ବିତିଲା, ଭତ୍ତାକୁ ଚାହିଁ ରହିଛନ୍ତି ବୃଦ୍ଧା**

## ମାନସିକ ବିକାରଗ୍ରସ୍ତଙ୍କ ଉନ୍ମତ୍ତକାଣ୍ଡ

ଜଳେଶ୍ୱର, ୭।୨ (ସମିସ) : ଜଳେଶ୍ୱର ମ୍ୟୁନିସିପାଲିଟିର ଷ୍ଟେସନବଜାର ଠାରେ ପ୍ରାୟ ୧ମାସ ହେବ ଜଣେ ୨୫ବର୍ଷୀୟ ଯୁବକ କାଳିମନ୍ଦିର ସମ୍ମୁଖ ପକ୍କା ବେଞ୍ଚରେ ବସୁଥିବାର ସ୍ଥାନୀୟଲୋକେ କହିଛନ୍ତି। ଯୁବକ ଜଣକ ରାତିରେ କେଉଁଆଡେ ଚାଲିଯାଉଥିବା ବେଳେ ଦିନତମାମ ଏଠାରେ ବସିରହି ହିନ୍ଦୀରେ କଥାବାର୍ତ୍ତା କରୁଥାଏ। ଆଜି ଏକ ଦମ୍ପତି ନିକଟରେ ଏକ ଫଳ ଦୋକାନରୁ ଫଳ କିଣିବାକୁ ଗଲାବେଳେ ହଠାତ୍ ସେ ଦୌଡିଆସି ଉକ୍ତ ମହିଳାଙ୍କୁ ଆକ୍ରମଣ କରିଥିଲା। ମହିଳାଙ୍କ ସ୍ୱାମୀ ଚିତ୍କାର କରିବାରୁ ନିକଟରେ ଏକ ମିଠାଦୋକାନରେ କାମ କରୁଥିବା ବାଘାବାଳୀ ଗାଁର ବାପି ଦାସ(୪୭)ଙ୍କୁ ମଧ୍ୟ ଆକ୍ରମଣ କରିଥିଲା। ତା ନିକଟରେ ଥିବା କଇଁଚିରେ ବାପିର ଆଖିତଳ ମୁହଁକୁ ଭୁଷି ଦେବାରୁ ତାଙ୍କୁ ଜିକେଭଟ୍ଟର ହସ୍‌ପିଟାଲକୁ ନିଆଯାଇଥିଲା। ନିକଟସ୍ଥ ଦୋକାନୀମାନେ ଥାନାକୁ ଖବର ଦେଇଥିଲେ। ରାସ୍ତାରେ ଯାନବାହାନ ବନ୍ଦ ହୋଇଥିବା ବେଳେ ପ୍ରାୟ ୧ଘଣ୍ଟା ପରେ ପୁଲିସ୍ ଆସି ତାକୁ କାବୁ କରି ନେଇଯାଇଥିବା ଜଣାଯାଇଛି। ସୂଚନାଯୋଗ୍ୟ ଜଳେଶ୍ୱର ସହରରେ ବହୁ ସଂଖ୍ୟାରେ ପାଗଳମାନେ ରାସ୍ତାଘାଟରେ ଘୁରିବୁଲୁଥିବା ବେଳେ ସେମାନଙ୍କ ଥଇଥାନ ଲାଗି କୌଣସି ବ୍ୟବସ୍ଥା କରାଯାଉନଥିବାରୁ ବିଭିନ୍ନ ସମୟରେ ପଥାଚାରୀମାନେ ଆକ୍ରମଣର ଶିକାର ହେଉଛନ୍ତି।

## ଅସହାୟ ଭାଇ ଭଉଣୀଙ୍କୁ ଉଦ୍ଧାର କଲା ପ୍ରଶାସନ



ଜଳେଶ୍ୱର ବ୍ଲକ, ୭।୨(ସମିସ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପଞ୍ଚାୟତ ସମିତି ଶ୍ୟାମନଗର ଗ୍ରାମ ପଞ୍ଚାୟତର ଘଷିପଦା ଗ୍ରାମର ଟେଟେଜ୍ ବେଶ୍ରା ଓ ତାଙ୍କ ଧର୍ମ ପତ୍ନୀ ସୁଲେଖା ବେଶ୍ରା ଦାଦନ ଖଟିବାକୁ ୨ ବର୍ଷ ପୂର୍ବେ ତାମିଲନାଡୁ ଯାଇ ଆଉ ଘରକୁ ଫେରୁ ନାହାଁନ୍ତି କିମ୍ବା ସେମାନେ ଘର କିମ୍ବା ପିଲାମାନଙ୍କ ସହିତ କୌଣସି ଯୋଗ ଯୋଗ ନାହିଁ। ତାଙ୍କର ଦୁଇ ଶିଶୁ ପ୍ରିୟଙ୍କା ୫ ବର୍ଷ ଓ ମନୋଜ ୧୦ ବର୍ଷର ବେସାହାରା ହୋଇ କିଛି ଦିନ ପିଲାମାନେ ପଶ୍ଚିମବଙ୍ଗ ମାମୁଁ ଘରେ ରହି ଆସୁଥିଲେ କିନ୍ତୁ ସେଠାରେ ସେମାନେ ଖାଦ୍ୟ ପାନୀୟର ଓ ପାଠ ପଢାରେ ଅବହେଳିତ ହେବାରୁ ଯାହାକୁ ଦେଖି ତାଙ୍କର ପଡ଼ୋଶୀ ସମ୍ପର୍କୀୟ ଜେଜେ ବାପା କିନ୍ତୁ ବେଶ୍ରା ଏହି ଦୁଇ ପିଲାଙ୍କୁ ଉଦ୍ଧାର କରି କିଛି ଦିନ ନିଜର ଦାରିଦ୍ର୍ୟତାରେ ମଧ୍ୟ ପିଲାଙ୍କୁ ଆଣି ନିଜ ପାଖରେ ରଖିଥିଲେ। ତାଙ୍କର ମଧ୍ୟ ଆର୍ଥିକ ସାମର୍ଥ୍ୟ ଅଭାବ ହେତୁ ଏହି ଅସହାୟ ଦୁଇ ପିଲାଙ୍କ ପାଠ ପଢା ଡୋରି ଲାଗିଥିଲା ଯାହାକୁ ଦେଖି ରାଇବଣିଆ ଅଞ୍ଚଳର ଯୁବ ସାମ୍ବାଦିକ ଅଶ୍ରୁମୋଚନ ଘୋଷ ଓ ସ୍ଥାନୀୟ ସରପଞ୍ଚ ଗିରିଜା ଶଙ୍କର ସାସମଲ ସହଯୋଗ ଲାଗି ଆଗେଇ ଆସିଥିଲେ। ଗତ ୩୦ ଜାନୁୟାରୀରେ ଏ ନେଇ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗୋହିରୀଙ୍କ ନିର୍ଦ୍ଦେଶର ଆଜି ବିଭାଗର ପ୍ରଶାନ୍ତ କୁମାର ରାଉତ, ଉତ୍ତମ ନାୟକ, ଜ୍ୟୋତି ପ୍ରକାଶ କର ଅସହାୟ ପ୍ରିୟଙ୍କା ଓ ମନୋଜଙ୍କୁ ଉଦ୍ଧାର କରି ସ୍ଥାନୀୟ ଥାନାକୁ ଅବଗତି କରାଇ ବାଲେଶ୍ୱର ଶିଶୁ କଲ୍ୟାଣ ସମିତିକୁ ନିଆଯାଇଛି। ସେମାନେ ସରକାରୀ ସ୍ତରରେ ପାଠ ପଢା ସହିତ ଅନ୍ୟ ସମସ୍ତ ସୁବିଧା ସୁଯୋଗ ପାଇ ପାରିବେ ସେ ନେଇ ସମସ୍ତ ବ୍ୟବସ୍ଥା ପ୍ରଦାନ କରାଯିବ ବୋଲି ମତ ପ୍ରକାଶ କରିଥିଲେ। ଏହି ଉଦ୍ଧାର ସମୟରେ ପଥରଶୋଳ ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ ସିଂନଗ ହାଁସଦା ମଧ୍ୟ ଉପସ୍ଥିତ ରହିଥିଲେ।

## ଦୁଇ ବେଆଇନ ବାଲି ସୈରାତ ରାସ୍ତା ତାଡ଼ିଲା ଖଣିବିଭାଗ

ରାଜଘାଟ, ୭।୨ (ସମିସ): ଜଳେଶ୍ୱର ଥାନା ଅନ୍ତର୍ଗତ ଚାଲନ୍ତୀ ଓ ଏକତାଳି ବାଲି ସୈରାତର ମୁଖ୍ୟ ରାସ୍ତାକୁ ଖଣି ବିଭାଗ ଦ୍ୱାରା ତାଡ଼ି ଦିଆଯାଇଛି। ସଉକ୍ତ ଦୁଇ ବାଲି ସୈରାତରେ ଦୀର୍ଘଦିନ ଧରି ବେଆଇନ ଭାବେ ବାଲି ଉତ୍ତୋଳନ ହୋଇଆସୁଥିଲା। ଏ ନେଇ ସ୍ଥାନୀୟ ଲୋକ ବାରମ୍ବାର ଜିଲ୍ଲା ଖଣି ଅଧିକାରୀ ଜଗନ ବେହେରାଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ। ଫଳରେ ଶ୍ରୀ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଆଜି କନିଷ୍ଠ ଖଣି ଅଧିକାରୀ ତାପସ ବେହେରା ପହଞ୍ଚି ବାଲି ପରିବହନ ଲାଗି ବ୍ୟବହୃତ ରାସ୍ତାକୁ ଜେସିବି ଦ୍ୱାରା ଖୋଳି ଦେଇଥିଲେ।

## ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ବୈଠକ



ସୋର, ୭।୨(ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ୫ଜଣିଆ ପ୍ରତିନିଧି ମଣ୍ଡଳୀର ବୈଠକ ସତ୍ୟନଗରସ୍ଥିତ ତୋଷାଳୀ ଭବନର ଆମ କଲେଜ ଆମ ଗୌରବ ସମ୍ମିଳନୀ କକ୍ଷରେ ଅବସର ପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ସହ ସଫଳତାର ସହିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜିର ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ବିଧାୟକ ବାବୁସିଂ, ବିଧାୟକ ଏକାମ୍ର ଭୁବନେଶ୍ୱରଙ୍କ ବ୍ୟକ୍ତିଗତ ସଚିବ ସୁରେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ଥିଲେ। ସଂଘର ଦାବି ରାଜ୍ୟର ବିଭିନ୍ନ ଅନୁଦାନ ପ୍ରାପ୍ତ ଏବଂ ଅଣଅନୁଦାନ ମହାବିଦ୍ୟାଳୟରେ ୦୧ ଜୁନ ୨୦୦୮ ରୁ ୦୧ ଜୁନ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀ ମାନଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରିବା ପାଇଁ କମିଟି ସମ୍ମୁଖରେ ଦୃଢ଼ ଭାବରେ ଉପସ୍ଥାପନା କରାଯାଇଛି। ସଂଘର ଦାବିକୁ ଯୁକ୍ତିଯୁକ୍ତ ପ୍ରମାଣ କରିବା ପାଇଁ ସଂଘର ସଭାପତି ବିଶ୍ୱରଂଜନ ଦାସ କମିଟି ସମ୍ମୁଖରେ ବଳିଷ୍ଠ ତଥ୍ୟ ଭିତ୍ତିକ ପ୍ରମାଣ ପତ୍ର ଉପସ୍ଥାପନ କରିଛନ୍ତି। ଉଚ୍ଚସ୍ତରୀୟ କମିଟିର ସଂଘ ସହିତ ଦୀର୍ଘ ଦେଢ଼ ଘଣ୍ଟା ଧରି ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ସଂଘର ଯୁକ୍ତିଯୁକ୍ତ ଦାବିକୁ ସହୃଦୟତାର ସହ ଗ୍ରହଣ କରିଛନ୍ତି। ଉଚ୍ଚସ୍ତରୀୟ କମିଟି ଅବିଳମ୍ବେ ୨୦୦୮ ରୁ ୨୦୧୮ ଅନୁଦାନ ନିମନ୍ତେ ମାନନୀୟ ମୁଖ୍ୟମନ୍ତ୍ରୀଙ୍କୁ ସୁପାରିସ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଆଜିର ବୈଠକରେ ସଂଘର ପ୍ରତିନିଧି ମଣ୍ଡଳରେ ସଂଘର ସଭାପତିଙ୍କ ସମେତ ସମ୍ପାଦକ ପ୍ରିୟବ୍ରତ ମହାପାତ୍ର ଆବାହକ ନୀଲୁ ନାୟକ, କେନ୍ଦ୍ରାପଡ଼ା ଜିଲ୍ଲା ସଂଯୋଜକ ବାପୁଜୀ ମହାପାତ୍ର ଏବଂ କଟକ ଜିଲ୍ଲା ସଂଯୋଜକ କେଶବ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।

## ୯ ରେ ଦିବ୍ୟାଙ୍ଗ ଚିହ୍ନଟ ଶିବିର

ବାଲିଆପାଳ, ୭।୨ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ଆସନ୍ତା ୯ ତାରିଖରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହେବ। ଏ ନେଇ ବାଲିଆପାଳ ସଭାଗୃହ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରାଧା ରଞ୍ଜନ ଦାଶ, ଏବିଡିଓ ଶରତ ଚନ୍ଦ୍ର ମୁଦୁଲି, ଅତିରିକ୍ତ ତହସିଲଦାର ରାମହରି ଦାଶ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥ ସାରଥି ସାହୁ, ଉପାଧ୍ୟକ୍ଷ ରାଜେଶ ଚୌଧୁରୀ ଉପସ୍ଥିତ ରହି ଶିବିରକୁ ଆସିବାକୁ ଥିବା ଭିନ୍ନକ୍ଷମ ଭାଇ ଭଉଣୀ ମାନଙ୍କର ସୁଚାରୁ ରୂପେ ଡାକ୍ତରୀ ପରୀକ୍ଷା କରାଯିବା ବିଷୟରେ ଆଲୋଚନା କରିଥିଲେ। ବୈଠକରେ ବିଭିନ୍ନ ବିଭାଗରୁ ଅଧିକାରୀଙ୍କ ସହିତ ବାଲିଆପାଳର ୨୮ ପଞ୍ଚାୟତରୁ ସରପଞ୍ଚ ଓ ସଦସ୍ୟ ମାନେ ଉପସ୍ଥିତ ଥିଲେ।

## ଫଟାଅର୍ଜୁନ ଛକରୁ ବାଇକ ଚୋରି ଅଭିଯୋଗ

ସୋର, ୭।୨(ସମିସ): ସୋର ଥାନା ଫଟାଅର୍ଜୁନ ଛକ ନିକଟରୁ ଏକ ବାଇକ ଚୋରି ହୋଇଥିବା ବେଳେ ସିସିଟିଭିରେ ଚୋରିବେଳର ଦୃଶ୍ୟ କଏଦ ହୋଇଛି। ମୁଳିସିଂ ଗ୍ରାମର ସନ୍ତୋଷ ରାଉତ ତାଙ୍କର ଓଡି ୦୧ ୱାଇ ୪୭୪୫ ନମ୍ବର ବିଶିଷ୍ଟ ବାଇକ ଟିକୁ ଫଟାଅର୍ଜୁନ ଛକରେ ରଖି କୌଣସି କାମରେ ଯାଇଥିଲେ। କିଛି ସମୟ ପରେ କାମସାରି ଫେରି ସେ ରଖିଥିବା ସ୍ଥାନରେ ବାଇକ କୁ ନ ପାଇ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିଥିଲେ। ପରେ ନିକଟରେ ଲାଗିଥିବା ଏକ ସିସି କ୍ୟାମେରାରେ ତାଙ୍କ ବାଇକଟିକୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ଜାଣିପାରି ସୋର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ବାଇକ ସହ ଦେଶୀମଦ ଜବତ, ୩ ଗିରଫ

ସୋର, ୭।୨(ସମିସ): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ବାଇକ ସହ ଦେଶୀମଦ ଜବତ କରିଥିବା ବେଳେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ପ୍ରଜ୍ଞାପ୍ରିୟା ନାୟକଙ୍କ ନେତୃତ୍ୱରେ ଏକ ଟିମ ପାଖର ଛକରେ ପେଟ୍ରୋଲିଂ କରୁଥିବା ବେଳେ ଓଆର ୦୧ଜେ ୮୫୩୧ ନମ୍ବର ବିଶିଷ୍ଟ ବାଇକକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ବାଇକରେ ୧୨୦ ଲିଟର ଦେଶୀମଦ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲେ। ଫଳରେ ଏହି ଟିମ୍ ବାଇକ ସହ ଦେଶୀମଦକୁ ଜବତ କରିବା ସହିତ କଣ୍ଟାବାଙ୍କି ଗ୍ରାମର ନାରାୟଣ ନାୟକଙ୍କୁ ଗିରଫ କରିଥିଲେ। ସେହିପରି ଏହି ଟିମ ବର୍ଚ୍ଛିଗଡ଼ିଆ ଗ୍ରାମରେ ଚଢ଼ଉ କରି ମହେଶ୍ୱର ନାୟକ ନିକଟରୁ ୨୦ ଲିଟର ଦେଶୀମଦ ଏବଂ ରାଧାବଲ୍ଲଭପୁର ଗ୍ରାମର ମୁକୁନ୍ଦ ବେହେରା ନିକଟରୁ ୨୫ ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡ଼ିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ବସନ୍ତ କୁମାର ବାରିକ, କ୍ଷିରୋଦ କୁମାର ସାହୁ, କନେଷ୍ଟବଳ ଶଶୀକାନ୍ତ ସାହୁ, ମିନତୀ ପରିଡା ସାମିଲ ହୋଇଥିଲେ।

## ବେଆଇନ ବାଲି ଉତ୍ତୋଳନରେ ସରପଞ୍ଚଙ୍କ ସମ୍ପୃକ୍ତି ଅଭିଯୋଗ

ଜଳେଶ୍ୱର, ୭।୨ (ସମିସ): ଉତ୍ତର ବାଲେଶ୍ୱର ଅଂଚଳର ଜୀବନ ରେଖା ସୁବର୍ଣ୍ଣରେଖା ନଦୀ ଓ ତାର ଉପକୂଳ ବାସୀ ବର୍ତ୍ତମାନ ବିପଦ ମୁଖରେ। ନଦୀର ବିଭିନ୍ନ ଜାଗାରେ ବେନିୟମ ବାଲି ଉତ୍ତୋଳନ ଦିନକୁ ଦିନ ବଢିବାରେ ଲାଗିଛି। ସୁବର୍ଣ୍ଣରେଖା ନଦୀର ଶିଖରପୁର ପଂଚାୟତରେ ଦୁଇ ଦୁଇଟି ସରକାରୀ ବାଲିଖାଦାନ ରହିଥିବା ବେଳେ ଉକ୍ତ ପଂଚାୟତର ସୁଖଦୁଃଖିଆ ଗ୍ରାମ ପାଶ୍ୱର୍ରେ ଦୀର୍ଘଦିନ ଧରି ବାଲି ଉତ୍ତୋଳନ ଚାଲିଛି। ପଂଚାୟତର ବହୁ ବ୍ୟକ୍ତି ଏହି ବାଲି ଉତ୍ତୋଳନରେ ସାମିଲ ହୋଇଥିବା ବେଳେ ଖୋଦ ସରପଂଚଙ୍କ ସଂପୃକ୍ତି ରହିଛି ବୋଲି କିଛି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଫଳରେ ବାରଂବାର ମାଇନିଂ ଅଧିକାରୀ ଓ ତହସିଲ ତରଫରୁ ରାସ୍ତା କାଟିବା ପରେ ମଧ୍ୟ କିଛିଦିନ ପରେ ପୁଣି ବାଲି ଉତ୍ତୋଳନ ଆରମ୍ଭ ହୋଇଯାଉ ଥିବାର ଦେଖିବାକୁ ମିଳୁଛି। ନଦୀ କୂଳର ବିଭିନ୍ନ ଜାଗାରେ ଶହଶହ ଟ୍ରିପ ବାଲି ପାହାଡ ପରି ଗଚ୍ଛିତ ରଖାଯାଇଛି। ପ୍ରଶାସନ ପକ୍ଷରୁ ବାଲି ଖାଦାନ ରାସ୍ତାକୁ ବାରଂବାର ତାଡିଦେବା ଫଳରେ କିଛିଦିନ ବାଲି ଉତ୍ତୋଳନ ବନ୍ଦ ରହୁଥିବା ବେଳେ ପୁଣି ଆରମ୍ଭ ହୋଇ ଯାଉଥିବାର ଦେଖିବାକୁ ମିଳୁଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

## ବିଧାୟିକାଙ୍କ ଦ୍ୱାରା କମ୍ବଳ ବଣ୍ଟନ

ବାଲିଆପାଳ, ୭।୨ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତରେ ଥିବା ଗରିବ, ଅସହାୟ, ଭିନ୍ନକ୍ଷମ ଲୋକଙ୍କୁ ଶୀତ ଦାଉରୁ ଆଶ୍ୱସ୍ତି ଦେବା ପାଇଁ ଶନିବାର ବସ୍ତା ବିଧାୟିକା ସୁବାସିନି ଜେନାଙ୍କ ଦ୍ୱାରା ଡାଲୁଆ ଗ୍ରାମରେ ତପନ ଜେନାଙ୍କ ବାସଭବନରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ହୋଇଯାଇଛି। ପଞ୍ଚାୟତର ସରପଞ୍ଚ ତୃପ୍ତି ଲେଖା ଜେନାଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତରେ ଥିବା ୧୬ ଟି ୱାର୍ଡରୁ ପ୍ରାୟ ପାଞ୍ଚ ଶହରୁ ଉଦ୍ଧ୍ୱର୍ ହିତାଧିକାରୀଙ୍କୁ କମ୍ବଳ ବଣ୍ଟା ଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ନିଶାକର ସେଠି, ପୂର୍ବତନ ସରପଞ୍ଚ ଶରତ ପ୍ରଧାନ, ଶାନ୍ତନୁ ଭଦ୍ର, ପୂର୍ବତନ ସଦସ୍ୟା ବନିଶିକା ଭଦ୍ର, ହରେକୃଷ୍ଣ ଜେନା, ଅଜୟ ସାମଲ, ପ୍ରଫୁଲ୍ଲ ପାତ୍ର, ମାନସ ରଞ୍ଜନ ଦାଶ, କିଶୋର ପାତ୍ର, ପ୍ରଶାନ୍ତ ପାତ୍ର, ଧନଞ୍ଜୟ ଦାସ, ରାଜୀବ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଡିଭାଇନ୍ ଏଜୁକେସନାଲ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟର ବାର୍ଷିକ ଉତ୍ସବ



ନୀଳଗିରି, ୭।୨(ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରିର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡିଭାଇନ୍ ଏଜୁକେସନାଲ୍ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଡିଭାଇନ୍ ଶିକ୍ଷାନୁଷ୍ଠାନର ୧୬ତମ ବାର୍ଷିକଉତ୍ସବ ନୀଳଗିରି କେ.ସି. ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଛାତ୍ରୀ ମଧୁସ୍ମିତା ବଳ ଏବଂ ବିଦ୍ୟାମତି ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶୁଭଲକ୍ଷ୍ମୀ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ, ମୁଖ୍ୟବକ୍ତା ଭାବେ ବିନୋଦବିହାରି ପଣ୍ଡା, ବିଶିଷ୍ଟଅତିଥି ଭାବେ ନୀଳଗିରି ତହସିଲଦାର ସୋନମ୍ ଦାସ ଓ ଅବସରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀକାନ୍ତ କୁମାର ଆଚାର୍ଯ୍ୟ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଡିଭାଇନ୍ ଶିକ୍ଷାନୁଷ୍ଠାନର ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର ସଭାରେ ଅଧ୍ୟକ୍ଷତା ଓ ସଭାପତିତ୍ୱ କରିଥିଲେ। ୯ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଓଡିଶା ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ଲାପଟପ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡିଭାଇନ୍ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ତଥା ଡିଭାଇନ୍ ଚାରିଟେବୁଲ ଟ୍ରଷ୍ଟର ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଅନ୍ନଦା ପ୍ରସାଦ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ




ନୀଳଗିରି, ୭।୨(ସମିସ): ନୀଳଗିରି ନିର୍ବାଚନ ମଣ୍ଡଳୀ ଅଧିନ ମୂଳକୁଡାଇ ଗ୍ରାମର ଅନ୍ନଦା ପ୍ରସାଦ ଉ:ପ୍ରା ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ।ଦିବାକର ମଳିକ ସଭାପତିତ୍ୱ କରିଥିବା ବେଳେ ମିନତି ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। କୁନିମଣୀ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ସିଆରସିସି ପ୍ରଭଞ୍ଜନ ବେହେରା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଉମାକାନ୍ତ ଶିଅଳ, ଗଣେଶ ପ୍ରସାଦ ପତି, ଅପୂର୍ବ ପଟ୍ଟନାୟକ ମଞ୍ଚାସୀନ ଥାଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଜୟରାମ ଧାଉଁରିଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସୁଜିତ ଦାସ, ସୁରେଶ ରାଉଳ ପ୍ରମୁଖ ବିଦ୍ୟାଳୟର ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ନାଟ୍ୟକାର ଜୟରାମ ଧୂଆଁରିଆଙ୍କ ଲିଖିତ ଏକ ସଂସ୍କାର ଭିତ୍ତିକ ନୂଆ ନାଟକ "କାହାଣୀ ଲେଖୁଛି ନୂଆ ସକାଳ" ପରିବେଷଣ କରାଯାଇଥିଲା।

## ଦୁର୍ଘଟଣାରେ ଯୁବକ ମୃତ

ରାଇରଙ୍ଗପୁର, ୭।୨(ସମିସ): ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟିଛି। ସାଇକଲ ଯୋଗ ଯାଉଥିବାବେଳେ ବୋଲେରୋ ଧକ୍କା ଦେବାରୁ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ଗୋରୁମହିଷାଣୀ ଥାନା ଅନ୍ତର୍ଗତ ହେସେଲଗୋଡା ଗ୍ରାମର ପ୍ରବାସିଆ ପାଟବନ୍ଧା (୫୮)। ସେ ସାଇକଲରେ ବଜାର ଯାଉଥିବା ସମୟରେ ଏକ ବୋଲେରୋ ସହିତ ଧକ୍କା ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ଏକ ମାମଲା ରୁଜୁ କରି ବୋଲେରୋକୁ ଜବତ କରି ଅଧିକ ତଦନ୍ତ କରୁଛି।

## ଅବସରପ୍ରାପ୍ତ ଯବାନଙ୍କୁ ସୋରରେ ସମ୍ବର୍ଦ୍ଧନା



ସୋର, ୭।୨(ସମିସ): ଦୀର୍ଘ ୨୫ ବର୍ଷ ଦେଶପାଇଁ ସମର୍ପିତ ହୋଇଥିବା ଜଣେ ଯବାନ ଅବସର ନେଇ ଫେରିବା ପରେ ଗାଁ ଓ ପରିବାର ପକ୍ଷରୁ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସୋର ବ୍ଲକ ମାଣିପୁର ପଞ୍ଚାୟତ ବାଘୁଆ ଗ୍ରାମର ବାଉଲି ଓଝାଙ୍କ ବଡ ପୁଅ ଦୈତାରୀ ଓଝା ଦିର୍ଘ ୨୫ ବର୍ଷଧରି ଦେଶ ସୁରକ୍ଷାରେ ନିୟୋଜିତ ଥିଲେ। ଗତ ଜାନୁଆରୀ ୩୧ ରେ ଅବସର ନେଇ ଆଜି ସକାଳେ ସୋର ରେଳ ଷ୍ଟେସନରେ ପହଞ୍ଚିବା ପରେ ତାଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇ ବାଜା ଓ ଡିଜେ ବଜାଇ ଗାଁ ଅଭିମୁଖେ ନିଆଯାଇଥିଲା। ସେଠାରେ ଗ୍ରାମ ପରିକ୍ରମା ପରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ସୋର ତହସିଲଦାର ଦୈତାରୀ ମଲ୍ଲିକ, ସୋର ଅବସରପ୍ରାପ୍ତ ସୈନିକ ସଂଘର ସଭାପତି ରାଧାକୃଷ୍ଣ ମହାପାତ୍ର, ଅବସରପ୍ରାପ୍ତ ସୈନିକ କାହ୍ନୁଚରଣ ମିଶ୍ର,ଦୈତାରୀଙ୍କୁ ଶିକ୍ଷା ଦେଇଥିବା ତାଙ୍କର ପ୍ରଥମ ଶିକ୍ଷକ ମହେଶ୍ୱର ପଣ୍ଡା ଯୋଗଦେଇ ନିଜନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଯବାନ ଜଣଙ୍କ ଗତ ୨୪/୧/୨୦୦୨ ମସିହାରେ ଦେଶ ସୁରକ୍ଷାରେ ଯୋଗଦାନ କରି ୩୧/୧/୨୦୨୬ ମସିହାରେ ମାହାରାଷ୍ଟ୍ରର ନାସିକ ଗୋଳାବାରୁଦ ୟୁନିଟ ୭୩୨ରୁ ଅବସର ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସୋର ସୈନିକ ପ୍ରଶିକ୍ଷଣ କେନ୍ଦ୍ରର ଶିକ୍ଷକ ପଞ୍ଚାନନ ପୋଇ, କେନ୍ଦ୍ରର ଛାତ୍ରଛାତ୍ରୀ ଓ ସୋର ଅଞ୍ଚଳର ଅବସରପ୍ରାପ୍ତ ସୈନିକ ଓ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଏନ୍‌ଏସିରେ ମିଶିବାକୁ ଜଗନ୍ନାଥପୁରବାସୀଙ୍କ ସମର୍ଥନ

ଭୋଗରାଇ, ୭।୨ (ସମିସ): ବାଲେଶ୍ୱର ଜିଲ୍ଲାର ବୃହତ୍ତମ ବ୍ଲକରେ ଚନ୍ଦନେଶ୍ୱର ଏନଏସି ପାଇଁ ବାରମ୍ବାର ଦାବି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ଦ୍ୱାରା ବିଧାନସଭାରେ ଆଲୋଚନା ହୋଇଥିବା ବେଳେ ସରକାରଙ୍କ ତରଫରୁ ଜିଲ୍ଲାପାଳଙ୍କ ଜରିଆରେ ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଗନ୍ନାଥପୁର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ କରଞ୍ଜାଶୋଳ ଗ୍ରାମ ଚନ୍ଦନେଶ୍ୱର ଏନଏସିରେ ମିଶିବା ସପକ୍ଷରେ ମତାମତ ମଗାଯାଇଛି। ଏଥି ସକାଶେ ପଞ୍ଚାୟତ ତରଫରୁ ରିଜୋଲ୍ୟୁସନ କରି ବିଡ଼ିଓଙ୍କୁ ପଠାଇବାକୁ ଉଲ୍ଲେଖ କରାଯାଇଛି। ଶୁକ୍ରବାର ଅପରାହ୍ନ ୩ ଘଟିକା ସମୟରେ ଜଗନ୍ନାଥପୁର ପଞ୍ଚାୟତରେ ଥିବା କରଞ୍ଜାଶୋଳ ଗ୍ରାମ ମଧ୍ୟରେ ଥିବା ଗ୍ରାମଚଣ୍ଡି ପାଖରେ ଗ୍ରାମବାସୀ ମାନେ ଉପସ୍ଥିତ ହୋଇ ଏହାକୁ ସମର୍ଥନ କରି ସମୂହ ସ୍ୱାକ୍ଷରିତ ସମ୍ମତି ପତ୍ର ସରପଞ୍ଚ ଅଶୋକ ସାମଲଙ୍କୁ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଏଥିପାଇଁ ସଂପୃକ୍ତ ଗ୍ରାମର ସୁକୁମାର ସାହୁ, ଚନ୍ଦନ ଦାସ ଅଧିକାରୀ, ଗଣେଶ ସାହୁ, ପ୍ରଶାନ୍ତ ସାହୁ, ଦିନବନ୍ଧୁ ଦାସ, ରାଧାକୃଷ୍ଣ ସାହୁ, ଗୋପାଳ ସାହୁ, ଅଜିତ ସାହୁ, ରାଶବିହାରୀ ସାହୁ, ଖୋକନ୍ ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବାହାନଗା, ୭।୨(ସମିସ)

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ବାହାନଗା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ବ୍ଲକସ୍ତରୀୟ ଚତୁର୍ଦ୍ଦଶ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହଇଯାଇଛି। ଏହା ଜିଲା ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜନ କରାଯାଇଥିବା ବେଳେ କାର୍ଯ୍ୟକ୍ରମକୁ ସୋର ବିଧାୟକ ମାଧବ ଧଡା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଭଦ୍ରକ ସାଂସଦଙ୍କ ପ୍ରତିନିଧି ଜୟନ୍ତ ମହାନ୍ତି, ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ବୈରାଗ୍ୟ ଚରଣ ବେହେରା ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସକାଳେ ବାହାନଗା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅସ୍ଥି ଶଲ୍ୟ, ମାନସିକ ବିକାରଗ୍ରସ୍ତ, ଚକ୍ଷୁ ବିଭାଗର ଡାକ୍ତରଙ୍କ ଦ୍ୱାରା ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ଆବେଦନ କରିଥିବା ବ୍ୟକ୍ତି ମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୩୨୭ ଜଣ ଆବେଦନକାରୀ ଆନଲାଇନ ଯୋଗେ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାହାନଗା ବିଡିଓ ଶୁଭଶ୍ରୀ ଟୁଡୁ ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଶାଲିମା ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଅନେକ ଦିବ୍ୟାଙ୍ଗ ବ୍ୟକ୍ତି ଅଫଲାଇନ ଜରିଆରେ ଦିବ୍ୟାଙ୍ଗ କାର୍ଡ ପାଇଥିବା ବେଳେ ବର୍ତ୍ତମାନ ନୂତନ ଭାବେ ଅନଲାଇନ କାର୍ଡ ପାଇବା ପାଇଁ ଅନେକ ଦିବ୍ୟାଙ୍ଗ ବ୍ୟକ୍ତିଙ୍କର ସମସ୍ୟା ଉପୁଜିଛି। ଆଧାର ଉଠି ନପାରୁଥିବାରୁ ସେମାନେ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏହାକୁ ବିଶେଷ ଭାବେ ଧ୍ୟାନ ଦେଇଥିଲେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ରାଉତ। ଆଧାରକାର୍ଡ ନଥିବା କାରଣରୁ ଅଲାଇନ ଦିବ୍ୟାଙ୍ଗ କାର୍ଡ ପାଇବାରୁ ବଞ୍ଚିତ ଥିବା ୨ ଜଣ ଆବେଦନକାରୀଙ୍କର ଆଧାର ପଞ୍ଜୀକରଣ କରାଇବା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଇ ଆଧାର ପ୍ରକ୍ରିୟା ଆରମ୍ଭ କରିଥିଲେ। ସେହିପରି ଗୟାଧର ପାଲ ନାମକ ଜଣେ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କାରାଯାଇ ତାଙ୍କୁ ସଙ୍ଗେସଙ୍ଗେ ୯୦ ପ୍ରତିଶତ ଥିବା ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇଛି।



## ଜାମଶୂଳୀ କଲେଜର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟିତ



**କାଳିପଦା/ଲଙ୍ଗଳେଶ୍ୱର, ୭।୨ (ସମିସ):** ସୁବିଧା ସୁଯୋଗ ସୃଷ୍ଟିକରେ ସଂକଳ୍ପ ସଫଳତା ଦିଏ, ସଫଳ କାହାଣୀର ପ୍ରଚ୍ଛଦ ପଟ ନାୟକ ହିଁ ଛାତ୍ର ଛାତ୍ରୀ, ସୁବର୍ଣ୍ଣ ଜୟନ୍ତୀ ହିଁ ଅର୍ଦ୍ଧ ଶତାବ୍ଦୀର ଗାଥା ବୋଲି ଶନିବାର ବସ୍ତା ବ୍ଲକ ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀର ଉଦଘାଟନ ଉତ୍ସବରେ ଅତିଥିମାନେ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ମୁଖ୍ୟଅତିଥି, ସର୍ବ ଭାରତୀୟ ପତ୍ର କାର ସଂଘ ସଭାପତି ଡ. ପବିତ୍ର ମୋହନ ସାମନ୍ତରାୟ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବରେ ବିଜେପି ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା,ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇ ଉଦବୋଧନ ପ୍ରଦାନ କରିଥିଲେ। ଅତିଥି ମାନେ ସ୍ମରଣିକା ସୁବର୍ଣ୍ଣ ସ୍ମାରକୀ 'ଲକ୍ଷ୍ମୀ'କୁ ଉନ୍ମୋଚନ କରିଥିଲେ। ବିଶେଷ ଅବଦାନ ପାଇଁ ସୁରେଶ ଚନ୍ଦ୍ର ପାତ୍ର, ଅମୂଲ୍ୟ କୁମାର ପାତ୍ର, ସୌଭାଗ୍ୟ ଜେନା, ଧୀରେନ୍ଦ୍ର ନାରାୟଣ ପ୍ରହରାଜ, ସୁଜାତା ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଅଧ୍ୟାପକ ଅଜିତ ଭୂୟାଁ ମଞ୍ଚ ଆବାହନ, ପ୍ରାଧ୍ୟାପକ ଦେବ ବ୍ରତ ଦାସ ବିବରଣୀ, ଇପ୍ସିତା ପରିଡା ବେଦପାଠ କରିଥିଲେ। ବରିଷ୍ଠ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ, ପରମା ନନ୍ଦ ମହାନ୍ତି, ତାପସ ତନୟ ନନ୍ଦୀ, ମୁଖ୍ୟ କିରାଣୀ ଗୋପୀନାଥ ପଣ୍ଡା, ଅଧ୍ୟାପିକା ସ୍ୱାଗତିକା ଜେନା, ଲିମନ ଲିପ୍ସା ପାତ୍ର, ସୁଦେଷ୍ଣା ଦେ, ଅଧ୍ୟାପକ ପ୍ରକାଶ ବିଶ୍ୱାଳ, ମୟୁଖ ମଣ୍ଡଳ, ଡ଼ଃ ଶିବନାରାୟଣ ମହାପାତ୍ର, ସଂଗ୍ରାମ କେଶରୀ ନାୟକ, ନିର୍ମଳ ସାମଲ, ଅଧ୍ୟାପିକା ସାଇମା ଦାସ ଓ ଆଲୁମିନି କମିଟିର ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମେଲୋଡି ପରିବେଷିତ ହୋଇ ଥିଲା।

# ଅତିଥି ଶିକ୍ଷକଙ୍କ ଭରସାରେ ନାୟକ ରାମଚନ୍ଦ୍ର ଏକାଡେମୀ

ବାଲିଆପାଳ, ୭।୨ (ସମିସ)




ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ନିମପଦା ନାୟକ ରାମଚନ୍ଦ୍ର ଏକାଡେମୀ, ୧୯୮୫ ମସିହା ନିର୍ମିତ ସ୍କୁଲ ଆଠ ଜଣ ଶିକ୍ଷକ, ଚାରିଜଣ ଅଣଶିକ୍ଷକଙ୍କୁ ନେଇ ଦୁଇଟି ଶ୍ରେଣୀ ( ନବମ, ଦଶମ) ଗଠିତ ହୋଇଥିଲା। ପ୍ରତିବର୍ଷ ସ୍କୁଲରେ ୧୦୦ରୁ ଉଦ୍ଧ୍ୱର୍ ପିଲା ଆଡ଼ମିସନ ହୋଇଥାନ୍ତି। ବ୍ଲକର ସଦର ମହକୁମାଠାରୁ ପାଖାପାଖି ୨୫ କିଲୋମିଟର ଦୂରରେ ସ୍କୁଲ ଟି ହୋଇଥିବାରୁ ପ୍ରଶାସନର ଅଣଦେଖା ମଧ୍ୟରେ ରହିଛି। ତେବେ ଧୀରେ ଧୀରେ ସ୍କୁଲ ଓ ଶିକ୍ଷକ, ଅଣଶିକ୍ଷକ ମାନଙ୍କର ବୟସ ବଢ଼ି ବଢ଼ି ଚାଲିଥିବା ବେଳେ ଅନ୍ଧାରକୁ ଠେଲି ହେଉଛି ପିଲାଙ୍କ ଭବିଷ୍ୟତ। ଆଠ ଜଣ ଶିକ୍ଷକ ମଧ୍ୟରୁ ଗତ ୩୧/୧/୨୬ ସୁଦ୍ଧା ଆଠ ଜଣ ଶିକ୍ଷକ ଅବସର ନେଇ ସାରିଥବାବେଳେ ଚାରି ଜଣ ଅଣ ଶିକ୍ଷକଙ୍କ ମଧ୍ୟରୁ ଦୁଇ ଜଣ ଅବସର ନେଇ ସାରିଥିବାବେଳେ ଅନ୍ୟ ଦୁଇ ଜଣଙ୍କ ମଧ୍ୟରୁ ଆସନ୍ତା ମେ ୩୦ ତାରିଖରେ କିରାଣି ଅବସର ଗ୍ରହଣ କରିବେ। ତେବେ ଜଣେ ପିଅନଙ୍କ ଦ୍ୱାରା ଚାଲିଛି ସ୍କୁଲର ୧୪୦ ଜଣ ପିଲାଙ୍କ ଭବିଷ୍ୟତ। ଶିକ୍ଷକ ମାନଙ୍କ ଅବସରକୁ ନେଇ ପରିଚାଳନା କମିଟି, ଗ୍ରାମବାସୀ, ସ୍ଥାନୀୟ ନେତୃତ୍ୱଙ୍କ ପକ୍ଷରୁ ବାରମ୍ବାର ଶିକ୍ଷା ବିଭାଗ ନିକଟରେ ଶିକ୍ଷକ ନିଯୁକ୍ତି ପାଇଁ ବାରମ୍ବାର ନିବେଦନ ପରେ ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଦୁଇ ଦୁଇ ଥର ଦୁଇ ଜଣ ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ପାଇଁ ସରକାରୀ ସ୍ତରରେ ଚିଠି କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କେହି ଯୋଗଦାନ କରୁନାହାନ୍ତି କିମ୍ବା ସରକାରୀ ନିର୍ଦ୍ଦେଶକୁ ଅବମାନନା କରୁଥିବା ଶିକ୍ଷକଙ୍କ ବିରୋଧ ରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ପ୍ରଶାସନ। ଆଗକୁ ଦଶମ ଶ୍ରେଣୀ ପରୀକ୍ଷା ଥିବା ବେଳେ ଚଳିତ ବର୍ଷ ୭୩ ଜଣ ପିଲା ଦଶମ ଶ୍ରେଣୀରେ

### ଶିକ୍ଷକ ନିଯୁକ୍ତି ପାଇଁ ବାରମ୍ବାର ଦାବି

ପରୀକ୍ଷା ଦେବାକୁ ଫର୍ମ ଫିଲପ କରିଛନ୍ତି। ଏହାକୁ ଲକ୍ଷ୍ୟ କରି ଶିକ୍ଷା ବିଭାଗ ପାଞ୍ଚ ଜଣ ଅତିଥି ଶିକ୍ଷକଙ୍କୁ ଦେଇଛନ୍ତି। ଗତ ସେପ୍ଟେମ୍ବର ମାସରୁ ଫେବୃୟାରୀ ମାସ ପର୍ଯ୍ୟନ୍ତ ଛଅ ମାସ ପାଇଁ ନିଯୁକ୍ତି ଦେଇଥିବା ବେଳେ ପାଠପଢାରେ ବହୁ ସମସ୍ୟା ସୃଷ୍ଟି ହେଉଥିବା କହିଛନ୍ତି ଛାତ୍ର ଛାତ୍ରୀ। ପାଠ ପଢାର ସମକ୍ଷ୍ୟାକୁ ଦେଖି ଅଣ ଶିକ୍ଷକ ମାନେ ମଧ୍ୟ ପାଠ ପଢାଇବାକୁ ବାଧ ହେଉଥିବା ଦେଖିବାକୁ ମିଳିଛି। ହେଲେ ପରୀକ୍ଷା କୁ ଆଉ ମାତ୍ର କେତୋଟି ଦିନ ରହିଛି, ସ୍କୁଲରେ ଶିକ୍ଷକ ନ ଥିବାରୁ ଆଡମିଟକାର୍ଡରେ ଦସ୍ତଖତ ହୋଇପାରୁନାହିଁ। ଶିକ୍ଷା ବିଭାଗକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ପରିଚାଳନା କମିଟି ସହ ନେତୃତ୍ୱ ମଣ୍ଡଳୀ, ଗ୍ରାମବାସୀ। ପଂଚାୟତ ର ଏକମାତ୍ର ହାଇସ୍କୁଲ ହୋଇଥିବାରୁ ସ୍କୁଲର ସ୍ଥିତା ବସ୍ଥା ଫେରାଇ ଆଣିବା ସହିତ ତୁରନ୍ତ ଶିକ୍ଷକ, ଅଣଶିକ୍ଷକ ନିଯୁକ୍ତି କରିବାକୁ ନିବେଦନ କରିଛନ୍ତି ପୂର୍ବତନ ଶିକ୍ଷକ ଓ ବର୍ତମାନ ର ଅଣଶିକ୍ଷକ ମାନେ। ଘଟଣାକୁ ନେଇ ବସ୍ତା ବିଧାୟିକା ସୁବାସିନୀ ଜେନା ଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରିବାର ପ୍ରତିଶୃତି ଦେଇଥିବା ବେଳେ ବିଜେପି ଜିଲ୍ଲା ସଭାପତି ସାଂସଦ ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରି ଯେତେ ଶୀଘ୍ର ଉକ୍ତ ଅନୁଷ୍ଠାନକୁ ଶିକ୍ଷକ ଦିଆଯାଇପାରିବ ସେ ବିଷୟରେ ଚେଷ୍ଟା କରିବାର ପ୍ରତିଶୃତି ଦେଇଛନ୍ତି।

## ଅସହାୟ ଏଚ୍‌ଆଇଭି ପୀଡ଼ିତ ପାଖରେ ପହଞ୍ଚିଲେ ବିଡିଓ

**ଜଳେଶ୍ୱର, ୭।୨(ସମିସ):** ସରକାର କୋଟିକୋଟି ଟଂକା ସ୍ୱାସ୍ଥ୍ୟ ସେବାରେ ବ୍ୟୟ କରୁଥିବାବେଳେ ଜନପ୍ରତିନିଧିଙ୍କ ଦାୟିତ୍ୱହୀନତା, ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅବହେଳା ଓ ସଚେତନତା ଅଭାବରୁ ଏଡ୍‌ସ୍ ଭଳି ମାରାତ୍ମକ ରୋଗ ସମୂଳେ ବିନାଶ ହୋଇ ପାରୁ ନାହିଁ। ଲକ୍ଷ୍ମଣନାଥ ପଞ୍ଚାୟତ ଗୋପ ଗାଁର ପୁରୁଣା ଭିଡ଼ିଓ ହଲ ପଛରେ ଦଦରା କୁଡିଆରେ ଦୁଃସାଧ୍ୟ ସଂକ୍ରାମକ ରୋଗ ଏଡ଼ସର ପୀଡ଼ିତ ହୋଇ ଜୀବନ ମରଣ ସଂଗ୍ରାମ କରୁଛନ୍ତି ଏକାକୀ ଯୁବକ। ଜଳେଶ୍ୱର ପୌରାଞ୍ଚଳ ଅଧିନ ଶାସନବାର୍ଡର ଜଣେ ଯୁବକ ୩ବର୍ଷ ଧରି ଗୋପ ଗାଁରେ ବସ ବାସ କରୁଥିବାବେଳେ ସ୍ତ୍ରୀ ଓ ଏକ ମାତ୍ର ପୁଅର ମୃତ୍ୟୁ ଘଟି ସାରିଛି। ଏକମାତ୍ର ଝିଅ ଶାଶୁଘରେ ଥିବା ବେଳେ ସାଥିରେ ରହୁଥିବା ମହିଳା ସଂକ୍ରମଣ ଭୟରେ ଛୁ ମାରିଛି। ଖାଦ୍ୟ, ଚିକିତ୍ସା ବିନା ଅନ୍ଧାରୁଆ ଜରି ପାଲ ଘେରା କୁଡ଼ିଆରେ ଦୟନୀୟ ଅବସ୍ଥାରେ ଯୁବକ ମୃତ୍ୟୁ ସହ ଲଢୁଥିବା ବେଳେ ରୋଗ ଭୟରେ କେହି ପାଖ ମାଡୁ ନାହାଁନ୍ତି। ସୂଚନା ପାଇ ଜଳେଶ୍ୱରର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରାଙ୍ଗ ଘୋଷ ଓ ସମାଜସେବୀ ହରିଶଙ୍କର ପଣ୍ଡାଙ୍କ ସହଯୋଗ ରେ ପୀଡ଼ିତ ଘରେ ପହଞ୍ଚି ଦୁଃଖ କଥା ଶୁଣିଥିଲେ। ଅନ୍ୟପକ୍ଷରେ ଏଚ୍ ଆଇ ଭି ସଂକ୍ରମିତ ରୋଗୀ କ୍ୱାରେଣ୍ଟିନ୍ ସେଣ୍ଟରରେ ଚିକିତ୍ସିତ ହେବାକୁ ବ୍ୟବସ୍ଥା ଥିବା ବେଳେ ଏକାକୀ କେମିତି ଜନବସତି ରେ ରହୁଛନ୍ତି ତାହା ସ୍ୱାସ୍ଥ୍ୟ ବିଭାଗର ପାରିଲା ପଣିଆକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ବିଡ଼ିଓ ଘଟଣା ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇଛନ୍ତି। ପ୍ରଶାସନ ପକ୍ଷରୁ ଚିକିତ୍ସା ବ୍ୟବସ୍ଥା କରିବା ସହିତ ଅସହାୟ ଯୁବକଙ୍କୁ ସରକାରୀ ଯୋଜନାରେ ସାମିଲ୍ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ପସରବିନ୍ଧାରେ ସମବାୟ ସମିତି ଖୋଲିବାକୁ ସରକାରୀ ସ୍ୱୀକୃତି



**ଭୋଗରାଇ, ୭।୨(ସମିସ) :** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ପସରବିନ୍ଧା ପଞ୍ଚାୟତରେ ସେବା ସମବାୟ ସମିତି ଖୋଲିବାକୁ ସ୍ଥାନୀୟ ଚାଷୀ ଓ ସାଧାରଣରେ ଦାବୀ ହୋଇ ଆସୁଥିଲା। ସରପଞ୍ଚ ସୁମନ୍ତ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଟିମ୍ ଏଥିପାଇଁ ପ୍ରଚେଷ୍ଟା ଜାରି ରଖିଥିଲେ। ଚଳିତବର୍ଷ ଜାନୁଆରୀ ୨୭ରେ ସବୁ ପ୍ରତିକ୍ଷାର ଅନ୍ତଘଟି ରାଜ୍ୟ ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି। ଏଥି ସକାଶେ ଖୁବଶୀଘ୍ର ବାଲେଶ୍ୱର-ଭଦ୍ରଖ ସମବାୟ ବ୍ୟାଙ୍କ ଓ ଭୋଗରାଇ ଶାଖା ବ୍ୟାଙ୍କର ସହାୟତାର ଆବଶ୍ୟକତାକୁ ନଜର କରି ଶୁକ୍ରବାର ସରପଞ୍ଚଙ୍କ ସଭାପତିତ୍ୱରେ ପଞ୍ଚାୟତ ଅଫିସ୍ ପରିସରରେ ଆୟୋଜିତ ସଭାରେ ଅବସର ପ୍ରାପ୍ତ ଶିକ୍ଷକ ଶଶାଙ୍କ ଶେଖର ପରିଡା, ଶିଶିର କୁମାର ପ୍ରଧାନ, କାମଚଳା ସଭାପତି ବନମାଳୀ ଜେନା, ଉପସଭାପତି ସୁଜାତା ଘଡାଇ, ଟୁକୁରୀହାଜିରା ସମବାୟର ନିର୍ଦ୍ଦେଶକ ଅମୂଲ୍ୟ ଘଡାଇ, ମେମ୍ବର ପ୍ରଶାନ୍ତ ମିର୍ଦ୍ଧା, ସୁବଳ ବେହେରା, ପ୍ରାଣକୃଷ୍ଣ ସ୍ୱାଇଁ, ଭାନୁ ପରିଡ଼ା, କାର୍ତ୍ତିକ ଦଣ୍ଡପାଟ, ଜ୍ୟୋତିଷ ବେହେରା, ରଞ୍ଜିତ ଦାସ, ଶୁଶାନ୍ତ ଦଣ୍ଡପାଟ ପ୍ରମୁଖ ଆଗାମୀ ପଦକ୍ଷେପ ସପକ୍ଷରେ ଆଲୋଚନା କରିଥିଲେ। ସର୍ବ ସମ୍ମତି କ୍ରମେ ଆସନ୍ତା ୧୮ ତାରିଖ ଆଉସା ଛକ ଠାରେ ଏକ ସାଧାରଣସଭା ହେବା ସହ ଅସ୍ଥାୟୀ ଭାବେ ପଞ୍ଚାୟତ ଅଫିସ୍ ପରିସରରେ କାର୍ଯ୍ୟାଳୟ ଚାଲିବାର ନିଷ୍ପତ୍ତି ନିଆଯାଇଛି। ସାନ ଆଉସା, ବଡ଼ ଆଉସା, ଗୋବିନ୍ଦପୁର, ପସରବିନ୍ଧା, ବିନ୍ଧାମୁହଁ, ଆଡମିରିଗି, ମୁସଦପୁର, କାକୁଡିପଦା ଗାଁର ଶତାଧିକ ଚାଷୀ ଯୋଗଦେଇ ସରପଞ୍ଚ ସୁମନ୍ତ ବେହେରାଙ୍କୁ ସାଧୁବାଦ ଜଣାଇଥିଲେ। କାମଚଳା ସମ୍ପାଦକ ବିକାଶ କୁମାର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନାରେ ମେମ୍ବର ସଞ୍ଜିବ କୁମାର ଜେନା, ଚନ୍ଦନ କୁମାର ବେହେରା, ଝିଲିରାଣୀ ପ୍ରଧାନ, ଶତ୍ରୁଘନ ବେହେରା, ଜିତେନ୍ଦ୍ର ପରିଡ଼ା, ବ୍ରଜ ଗୋପାଳ ଦାସ, ମନୋରଞ୍ଜନ ଦାସ, ଅଶୋକ ବେହେରା, ସ୍ମୃତିରେଖା ସାହୁ, ସୁଦାମ ଦାସ ପ୍ରମୁଖ ସହଯୋଗ କରିଥିଲେ।

**ଅସ୍ଥାୟୀ ଭାବେ ପଞ୍ଚାୟତ କାର୍ଯ୍ୟାଳୟରେ ଚାଲିବାର ନିଷ୍ପତ୍ତି**

## ଯୁବକଙ୍କୁ ହତ୍ୟା ଅଭିଯୋଗ

**ସିମୁଳିଆ, ୭।୨ (ସମିସ):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସାନ ଭାଇକୁ ମାରିଦେଇଥିବାର ବଡ଼ ଭାଇର ସିମୁଳିଆ ଥାନାରେ ଅଭିଯୋଗ। ସିମୁଳିଆ ଥାନା ଅନ୍ତର୍ଗତ ବାଙ୍ଗରଖଡ଼ିଗଡ଼ିଆ ପଞ୍ଚାୟତ ଖଡ଼ିଗଡ଼ିଆ ଗ୍ରାମର ଦାମୋଦର ଟୁଡୁ ସିମୁଳିଆ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମାର୍କୋଣା ଷ୍ଟେସନ ବଜାର ନିକଟରେ କିଛି ବ୍ୟକ୍ତି ସଂଘବଦ୍ଧ ହୋଇ ସାନ ଭାଇ ତୋଫାନକୁ ମାଡ଼ ମାରିଥିଲେ। ଘଟଣା ସ୍ଥଳରେ ଭାଇ ରକ୍ତବାନ୍ତି କରିଥିଲେ। ଘରକୁ ଯାଇ ଏ ସଂକ୍ରାନ୍ତରେ କାହାକୁ କିଛି କହି ନ ଥିଲେ। ଅବସ୍ଥା ଗୁରୁତର ହେବାରୁ ଭାଇକୁ ଭଦ୍ରକ ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ଚିକିତ୍ସା ସମୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ପାଇ ସିମୁଳିଆ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସିମୁଳିଆ ଥାନା ଅଧିକାରୀ ଦେବରାଜ ଜେନା ଓ ବାଲେଶ୍ୱର ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ପ୍ରକୃତ ରହସ୍ୟ ଜଣା ପଡିବ ବୋଲି ପୁଲିସ କହିଛି।

## ଶତାୟୁ ପୁରୁଷଙ୍କ ସ୍ମୃତିସଭା

**ବାଲିଆପାଳ, ୭।୨ (ସମିସ):** ବାଲିଆପାଳ ବ୍ଲକ ଭିକାଗଡିଆ ଗ୍ରାମର ବରିଷ୍ଠ ବ୍ୟକ୍ତିତ୍ୱ ଶତାୟୁ ପୁରୁଷ ମହେଶ୍ୱର ମହାପାତ୍ରଙ୍କ ଏକାଦଶାହ ଉପଲକ୍ଷେ ଅନୁଷ୍ଠିତ ସ୍ମୃତି ସଭା ଓ ଶ୍ରଦ୍ଧାଞ୍ଜଳି ଉତ୍ସବ ଅନୁଷ୍ଠିତ ହୋଇଛି। ଧ୍ରୁବ ଚରଣ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡାଙ୍କ ପୌରହିତ୍ୟ ଏବଂ ପୁତୁରା ଶାନ୍ତନୁ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ଏହି ସ୍ମୃତି ସଭାରେ ବିଧାୟିକା ସୁବାସିନୀ ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଜନ ନାୟକ, ପଣ୍ଡିତ ଶାନ୍ତିପଦ ପଣ୍ଡା, ନାରାୟଣ ପାଣିଗ୍ରାହୀ, ଯତୀନ୍ଦ୍ର ପଣ୍ଡା, ରବୀନ୍ଦ୍ର ପାଣିଗ୍ରାହୀ, ଗଣେଶ କର, ଶଶୀଭୂଷଣ ପାଣିଗ୍ରାହୀ, ଭକ୍ତିପଦ ପଣ୍ଡା, ଶମ୍ଭୁନାଥ ପାଣିଗ୍ରାହୀ, ବିନୋଦ ପାଣିଗ୍ରାହୀ, ତପନ ମହାପାତ୍ର, ସୁଧାଂଶୁ ପାଣିଗ୍ରାହୀ, ହରିହର ପଣ୍ଡା, ରବୀନ୍ଦ୍ର ପାଣି,ମନୋରଞ୍ଜନ ସନ୍ଧିବିଗ୍ରହ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ପୁତ୍ର କାଳିପଦ ମହାପାତ୍ର, ଗୋରୀପଦ ମହାପାତ୍ର, ପୁର୍ଣଚନ୍ଦ୍ର ମହାପାତ୍ର, ନବକୃଷ୍ଣ ମହାପାତ୍ରଙ୍କ ସମେତ ପରିବାର ବର୍ଗ ଆତ୍ମୀୟସ୍ୱଜନ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଓଲମରା ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ




**ଜଳେଶ୍ୱର ବ୍ଲକ, ୭।୨ (ସମିସ):** ଓଲମରା ସୀମାନ୍ତ ଡିଗ୍ରୀ ମହାବିଦ୍ୟାଳୟର ୩୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଇଯାଇଛି। ପ୍ରଥମ ଅଧିବେଶନରେ କଲେଜର ଅଧକ୍ଷ ଅମରେନ୍ଦ୍ର ଦତ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଗବେଷକ ଡ. ଶ୍ରୀକାନ୍ତ ଚରଣ ପାତ୍ର, ମୁଖ୍ୟବକ୍ତା ତହସିଲଦାର ସତ୍ୟଜିତ ମହାନ୍ତି, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ହେମନ୍ତ କୁମାର ଘୋଷ, ପ୍ରାକ୍ତନ ପ୍ରଧାନଶିକ୍ଷକ ଚନ୍ଦ୍ରମୋହନ କାପୁଡି ଓ ପୂର୍ବତନ ସରପଞ୍ଚ ଯତୀନ୍ଦ୍ର ନାଥ ମହାନ୍ତି ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ତର୍କଶାସ୍ତ୍ର ଅଧ୍ୟାପକ ମୁରଲୀ ଧର ମହାନ୍ତି ଓ ଅର୍ଥନୀତି ଅଧ୍ୟାପିକା ଦୀପାଳି ଘୋଷ। ଓଡ଼ିଆ ଅଧ୍ୟାପକ ରମାକାନ୍ତ ଦେ ମଞ୍ଚ ସଂଚାଳନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଜହରଲାଲ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟା ୫ଘଟିକାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ଚିନ୍ମୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବିଧାୟକ ଅଶ୍ୱିନୀ କୁମାର ପାତ୍ର, ମୁଖ୍ୟବକ୍ତା ସାଂସଦ ପ୍ରତିନିଧି ବ୍ରଜ ମୋହନ ପ୍ରଧାନ, ସମ୍ମାନିତ ଅତିଥି ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ କାଞ୍ଚନବାଳା ଚାନ୍ଦ, ବ୍ଲକ ଉପାଧ୍ୟକ୍ଷା ସଞ୍ଚିତା ସେନାପତି, ଅଧ୍ୟକ୍ଷ ଅମରେନ୍ଦ୍ର ଦତ୍ତ ଉପବେଶନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ିଆ ଅଧ୍ୟାପକ ରମାକାନ୍ତ ଦେ ମଞ୍ଚ ଆହ୍ୱାନ କରିଥିଲେ। ଅଧ୍ୟକ୍ଷ ଅମରେନ୍ଦ୍ର ଦତ୍ତ ବିଦ୍ୟାଳୟର ଓ ଜହରଲାଲ ଅଧିକାରି ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଜ୍ଞାନେନ୍ଦ୍ର ନାଥ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ଆକାଶ କୁମାର ବେହେରା ଓ ଶିବ ଶଙ୍କର କୁଇଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀ ଦୈତାରୀ ପ୍ରସାଦ ଦେ, ଦେବବ୍ରତ ପ୍ରଧାନ, ତୃପ୍ତି ପ୍ରଧାନ, ମାନସୀ ଘୋଷ, ଜ୍ୟୋତିର୍ମୟୀ ଅଧିକାରୀ, ପ୍ରବୀର କୁମାର ପ୍ରମାଣିକ, ମଦନ କୁମାର ନାୟକ, ଧନୁଜୟ ଦତ୍ତ, କୃଷ୍ଣମୋହନ ଜେନା, ସୁମିତ କୁମାର ଦଳାଇ, ଅଂଶୁମାନ ଗୋସ୍ୱାମୀ, ସତ୍ୟସୁନ୍ଦର ରଣା, ସୁକୁମାର ବେହେରା, ଦିବ୍ୟଜ୍ୟୋତି ବାଗ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବନାଗ୍ନି ରୋକିବା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ




**ନୀଳଗିରି, ୭।୨ (ସମିସ):** ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତ ଚରଣାପାଳ ଗ୍ରାମରେ ଯୁବ ପରିବେଶବିତ୍ କମଳଲୋଚନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବନାଗ୍ନି ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖରାଦିନେ ଜଙ୍ଗଲକୁ କିପରି ରକ୍ଷା କରାଯାଇପାରିବ ଏ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲରେ ନିଆଁ ନ ଲଗାଇବା ଓ ଜଙ୍ଗଲକୁ ସୁରକ୍ଷା ଦେବା ପ୍ରଭୃତି ବାର୍ତ୍ତା ନେଇ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ବିଶେଷକରି ଜଙ୍ଗଲ ପାଦଦେଶ ଅଞ୍ଚଳର ଲୋକମାନେ ମହୁଲ ଫୁଲ ଓ ଶାଳ ମଞ୍ଜି ସଂଗ୍ରହ କରିବା ଉଦ୍ଦେଶ୍ୟରେ ଜଙ୍ଗଲରେ ନିଆଁ ଲଗାଇ ଦିଅନ୍ତି ତେଣୁ ସଚେତନତା ସୃଷ୍ଟି କରାଯାଇ ବନାଗ୍ନିକୁ ରୋକିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ସଂଗ୍ରାମ ସ୍ୱାଇଁ, ଅଜୟ ସିଂ, ରାଜେନ୍ଦ୍ର ସିଂ, ଦିଲ୍ଲିପ ସିଂ, ପାର୍ବତୀ ସିଂ, ମିଲି ସିଂ, ମାମା ସିଂ ପ୍ରମୁଖ ସହଯୋଗ କରିଥିଲେ।

## ସନ୍ତୋଷୀ ମାତାଙ୍କ ବାର୍ଷିକୋତ୍ସବରେ ରକ୍ତଦାନ ଶିବିର

**ଭୋଗରାଇ, ୭।୨(ସମିସ):** ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଅନ୍ତର୍ଗତ ନୂଆହାଟଠାରେ ସନ୍ତୋଷୀ ମାତା ମନ୍ଦିରରେ ୪୫ ତମ ସାର୍ବଜନୀନ ସନ୍ତୋଷୀ ମାତାଙ୍କ ପୂଜୋତ୍ସବ ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସରପଞ୍ଚ ସଙ୍ଗୀତା ରାଣୀ ମହାନ୍ତି, ସମିତି ସଦସ୍ୟ ଅଞ୍ଜଳୀ ପାତ୍ରୀ, ପୂଜା କମିଟିର ସଭାପତି ସୁବାଷ ଚନ୍ଦ୍ର ଜେନା, ଉପସଭାପତି ପ୍ରଦୀପ କୁମାର ସେଠୀ, ସମ୍ପାଦକ ଅଶୋକ କୁମାର ଗିରି, ସହସମ୍ପାଦକ ଉମେଶ ଚନ୍ଦ୍ର ଗିରି କୋଷାଧ୍ୟକ୍ଷ ସୁଧାଂଶୁ ଶେଖର ଜେନା ପ୍ରମୁଖ ଉପସ୍ଥିତ ହୋଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଡାକ୍ତର ଉତ୍ତର ଦଣ୍ଡପାଟ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା ବେଳେ ଜିଲ୍ଲା ରକ୍ତ ଭଣ୍ଡାର ରକ୍ତ ସଂଗ୍ରହ ହୋଇଥିଲା। ଶିବିରରେ ୩୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ପୂଜା କମିଟିର ସଦସ୍ୟ ରାଜକିଶୋର ମହାନ୍ତି, ରବୀନ୍ଦ୍ର କୁମାର ଗିରି, ରଞ୍ଜନ କୁମାର ଗିରି, କାହ୍ନୁଚରଣ ଜେନା, ଗୌରୀଚରଣ ପାଳ, ବାପି ମହାନ୍ତି, କ୍ଷୁଦିରାମ ମହାନ୍ତି, ଉମେଶ ଗିରି, ମଦନ ପରିଡ଼ା, ମନ୍ମଥ ତୋଳା, ସୁବଳ ପାତ୍ର, ଜଗଦୀଶ ଦାସ, ରଜତ ଜେନା, ଉଜ୍ୱଳ ଜେନା, ମନ୍ମଥ ବେହେରା, ସାମ୍ବାଦିକ ସୁରେଶ ମହାନ୍ତି, ଲକ୍ଷ୍ମୀଧର ବାରିକ, 'ସାମ୍ବାଦିକ ବିଶ୍ୱଜିତ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



# ନିୟମ ଉଲ୍ଲଂଘନ କରୁଛି ପୁରୁଣା ଗାଡ଼ି

**ପରିବହନ ବିଭାଗ ଓ ପୁଲିସ ପ୍ରଶାସନ ନିରବଦ୍ରଷ୍ଟା**

ବସ୍ତା ବ୍ଲକ, ୭।୨ (ସମିସ)



ଦୁର୍ଘଟଣା ଓ ପ୍ରଦୂଷଣ ରୋକର ଦ୍ୱାହି ଦେଇ ସରକାର ଆଣୁଛନ୍ତି ଗଦା ଗଦା ସରକାରୀ ନିୟମ। ମାତ୍ର ବାସ୍ତବରେ ଏହାର କାର୍ଯ୍ୟକାରିତା ହେଉ ନାହିଁ। ଏହି ସବୁ ଆଇନ ବଳରେ ବଳିଆନ ହୋଇ ପ୍ରଶାସନ ଶୋଷଣର ଶିକାର ହେଉଛନ୍ତି ସାଧାରଣ ଜନତା। ଯିଏ ଦୁର୍ଘଟଣାର ଶିକାର ହୋଇ ଧନ ଜୀବନ ହରାଉଛନ୍ତି ସେମାନଙ୍କ ଉପରେ ହେଉଛି ମୋଟା ଅଙ୍କର ଫାଇନ। ଯେଉଁମାନେ ଦୁର୍ଘଟଣା ଘଟାଉଛନ୍ତି ସେମାନେ ଖୋଲାଖୋଲି ସବୁ ନିୟମକୁ ଉଲ୍ଲଂଘନ କରି ସେମାନଙ୍କର କାର୍ଯ୍ୟ କରୁଛନ୍ତି। ସବୁ ଦେଖି ନୀରବ ହେଉଛି ପରିବହନ ବିଭାଗ ଓ ପୁଲିସ ପ୍ରଶାସନ। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବେଆଇନ ରୋଜଗାରର ଲାଳସା ରଖୁଥିବା କିଛି ପ୍ରଶାସନିକ ଅଧିକାରୀଙ୍କ ପାଇଁ ସରକାରୀ ଆଇନ ବାଟବଣା ହେଉଥିବା ଚର୍ଚ୍ଚା ହେଉଛି। ପ୍ରକାଶ ଯେ, ଦିନକୁ ଦିନ ଗାଡ଼ି ମୋଟର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବେପରୁଆ ଗାଡ଼ି ଚାଳନା ପାଇଁ ଦୁର୍ଘଟଣା ବଢ଼ି ଚାଲିଛି। ପୁରୁଣା ଗାଡ଼ି ବହୁ ଚଳାଚଳ ପାଇଁ ପ୍ରଦୂଷଣ ସୀମା ଲଂଘୁଛି। ଏହା ଉପରେ ରୋକ ପାଇଁ ସରକାରଙ୍କ ଘନ ଘନ ନିୟମ ପ୍ରଣୟନ କେବଳ କାଗଜ କଲମରେ ସୀମିତ ହୋଇ ରହୁଛି।

ସୂଚନା ଅନୁସାରେ ଗତ କିଛି ବର୍ଷ ପୂର୍ବରୁ ସରକାର ସବୁ ଗାଡ଼ିରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ବାଧ୍ୟତା ମୂଳକ ଆଇନ ଆଣିଥିଲେ। ଯାହାକୁ ନେଇ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ ଥିଲେ। ମାତ୍ର ଏବେ ବି ଶହ ଶହ ଗାଡି ବିନା ହାଇ ସିକ୍ୟୁରିଟି ନମ୍ବରରେ ଚାଲିଛି। ରାଜପଥ ଠାରୁ ଗ୍ରାମାଞ୍ଚଳ ମଧ୍ୟରେ ଏହି ଭଳି ଗାଡ଼ି ହଜାର ହଜାର ଚାଲିଛି। ସବୁଦେଖି ପରିବହନ ବିଭାଗ ନୀରବଦ୍ରଷ୍ଟା ସାଜିଛି। ସେହିପରି ବିନା ନମ୍ବର ପ୍ଲେଟ, ଘରୋଇ ନମ୍ବର ଥାଇ ବ୍ୟବସାୟୀକ ଗାଡ଼ି ଚଳା ଚଳ କରୁଛି। ଦୁର୍ଘଟଣା ଘଟାଉଥିବା ବଡ଼ ବଡ଼ ଗାଡ଼ି ଯଥା ଟ୍ରକ୍, ଟ୍ରାକ୍ଟର ଠାରୁ ଆରମ୍ଭ କରି ଅନେକ ଭାରି ଓ ହାଲୁକା ଯାନରେ ଇନ୍ସୁରେନ୍ସ ନାହିଁ କି ଫିଟନେସ ନାହିଁ କିମ୍ବା ପ୍ରଦୂଷଣ ସାର୍ଟିଫିକଟ ନାହିଁ। ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଳାଉଛନ୍ତି ଶହ ଶହ ଡ୍ରାଇଭର। ନିୟମ ପାଳନ ପାଇଁ ବାଇକ ଆରୋହୀଙ୍କୁ ରାସ୍ତା ମଝିରେ ମେସିନ ରେ ଫୁଙ୍କି ମଦ ଯାଞ୍ଚ ପୁଲିସ କରୁଥିବା ବେଳେ ମଦ ପିଇ ବଡ଼ ଗାଡ଼ି ଚଳାଉ ଥିବା ଡ୍ରାଇଭରଙ୍କୁ ମାଫ। ଯାହାକୁ ଧରିଲା ହତାଗୁଞ୍ଜା ନେଇ ଛାଡ଼ି ଦେଉଥିବା ଅଭିଯୋଗ ଆସିଛି। ସେହିପରି ସରକାର ଆଣିଥିବା ନିୟମ ହେଲମେଟ ପିନ୍ଧିଲେ ପେଟ୍ରୋଲ ପମ୍ପରେ ମିଳିବ ପେଟ୍ରୋଲ, ଖୋଲା ବୋତଲରେ ପେଟ୍ରୋଲ ପମ୍ପ ରୁ ପେଟ୍ରୋଲ କିଣିବା ଉପରେ ରୋକ ସବୁ ନିୟମ ଫାଇଲ ରେ ଚାପି ରହିଥିବା ବେଳେ ଏବେ ପ୍ରଦୂଷଣ ସାର୍ଟିଫିକେଟ ସହ ଗ୍ରୀନ ଷ୍ଟିକର ଲାଗିଲେ ପେଟ୍ରୋଲ ମିଳିବା ନିୟମ ପରେ ପ୍ରଦୂଷଣ ଯାଞ୍ଚ ସାର୍ଟିଫିକେଟ ଦେଉଥିବା ସଂସ୍ଥା ମାଲେମାଲ। ୨ଶହ ଟଙ୍କା ଦେଲେ ବିନା ଟେଷ୍ଟରେ ମିଳିଯାଉଛି ପ୍ରମାଣ ପତ୍ର। ଯେଉଁମାନେ ପ୍ରଦୂଷଣ ର ମୁଖ୍ୟ ପୁରୋଧା ସାଜିଛନ୍ତି ସେମାନେ ଛାତି ଖୋଲି ଯାତାୟାତ କରୁଛନ୍ତି। ମାଟି, ଗୋଡ଼ି, ମୋରମ, ବାଲି ବେଆଇନ ଚାଲାଣ କରୁଥିବା ଡମ୍ଫର୍, ଟ୍ରାକ୍ଟର, ଟ୍ରକ୍, ପିକଅପ୍ , ଟେମ୍ପୋ ଭଳି ଛୋଟ ଛୋଟ ଗାଡ଼ି, ବସ, ହାତତିଆରି ଯନ୍ତ୍ର ଚାଳିତ ରିକ୍ସା, ଏପରିକି ସରକାରୀ କାର୍ଯ୍ୟରେ ନିୟୋଜିତ ଭାରି ଓ ହାଲୁକା ଯାନ, ଠିକାଦାର ମାନେ ବ୍ୟବହାର କରୁଥିବା ବଡ଼ ବଡ଼ ଯନ୍ତ୍ରାଂଶ ଗାଡ଼ି ବିନା କାଗଜ ପତ୍ରରେ ଚଳାଚଳ କରୁଛି। ଲଘୁ ଖଣିଜ ପଦାର୍ଥ ପରିବହନ ହେଉଥିବା ମାଳ ମାଳ ଗାଡ଼ି ବିନା ପାଲ ଘୋଡାଇ ନିଆଯାଉଛି। ଯାହାଫଳରେ ପ୍ରଦୂଷଣ ଚରମ ସୀମା ଲଂଘିଛି। ଶବ୍ଦ ପ୍ରଦୂଷଣ ମଧ୍ୟ ଚରମ ସୀମା ଲାଙ୍ଘିଛି। ପୁରୁଣା ଭଙ୍ଗା ଦଦରା ଗାଡ଼ି, ବସକୁ ପରିବହନ ବିଭାଗ କିପରି ଫିଟ୍ ନେସ ଦେଉଛି ତାକୁ ନେଇ ବିଭାଗୀୟ ସ୍ୱଚ୍ଛତା ଉପରେ ଖୋଲା ଖୋଲି ପ୍ରଶ୍ନ ଉଠିଛି। ପୁଲିସ ସହିତ ପରିବହନ ବିଭାଗ, ମାଇନିଂ ବିଭାଗ, ତହସିଲଦାରଙ୍କ ସହିତ ରାଜସ୍ୱ ବିଭାଗ ର ଜିଲ୍ଲା ପ୍ରଶାସନ ଅଧିକାରୀ ଙ୍କ ନିଷ୍କ୍ରିୟତା ଦୁର୍ଘଟଣା ଓ ପ୍ରଦୂଷଣ ପାଇଁ ସିଧା ସଳଖ ଦାୟୀ ବୋଲି ପରିବେଶ ବିତ ଓ ବୁଦ୍ଧିଜୀବୀ ମାନେ ଅଭିଯୋଗ କରିଛନ୍ତି। ସେହିପରି ବର୍ଷ ବର୍ଷ ଧରି ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ନିର୍ମାଣ ସାମଗ୍ରୀ ରାସ୍ତା ଉପରେ ଜମା ରହୁଥିବାରୁ ଯାହା ଫଳରେ ଗାଡ଼ି ଚଳା ଚଳ କଲେ ପ୍ରବଳ ଧୂଳି ଅନ୍ୟ ଯାତାୟାତ ଯାତ୍ରୀଙ୍କୁ ସଙ୍କଟରେ ପକାଇବା ସହିତ ପରିବେଶ ଉପରେ ପ୍ରଭାବ ପକାଉଛି। ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସାରୁ ନଥିବା ବଡ଼ ଠାରୁ ଛୋଟ ଠିକାଦାରଙ୍କ ଉପରେ ସରକାର ଓ ପ୍ରଶାସନ ନୀରବ ହୋଇ ରହିବା ଲୋକଙ୍କୁ ବ୍ୟଥିତ କରିଛି। ନିୟମ କରି ଓଡ଼ିଶା ସରକାରଙ୍କ ସାଧାରଣ ଜନତାଙ୍କୁ ଶୋଷଣ କରିବା ପାଇଁ ପ୍ରୟାସ କରିବାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

## ହାମିରିଆ ନାଫରାଇ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଭୋଗରାଇ/ଚନ୍ଦନେଶ୍ୱର, ୭।୨(ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇର ଶ୍ରଦ୍ଧାପୁର ପଞ୍ଚାୟତର ହାମିରିଆ ନାଫରାଇ ନୋଡାଲ ଉ.ପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାମେଶ୍ୱର ଦେଙ୍କ ସଂଚାଳନରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ସରପଞ୍ଚଙ୍କ ପ୍ରତିନିଧି ଚନ୍ଦନ କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ଶ୍ରୀମାଶ୍ରୀ ଅରବିନ୍ଦଙ୍କ ଅନୁପ୍ରାଣିତ ଶିକ୍ଷାବିତ ସୁବାସ ଦାସ, ସମ୍ମାନିତ ଅତିଥି ଶିକ୍ଷାବିତ୍ ଶମ୍ଭୁନାଥ ଜେନା, ଧନଞ୍ଜୟ ପାତ୍ର, ଶ୍ରଦ୍ଧାପୁର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଦେବ ପାତ୍ର, ସମାଜସେବୀ ଗୌରହରି ମଣ୍ଡଳ, ପ୍ରାକ୍ତନ ପ୍ରଧାନ ଶିକ୍ଷକ କୃଷ୍ଣ ପ୍ରସାଦ ସାହୁ, ଗୋପୀନାଥ ଜେନା, ଜାମିନୀକାନ୍ତ ଦଳାଇ, ସୁଧୀର ଚନ୍ଦ୍ର ଗିରି, ବଂଶୀଧର ପରିଡ଼ା, ହରିହର ଜେନା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଚନ୍ଦନ ଦାସ ମଞ୍ଚ ଆହ୍ୱାନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ସାମଲ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ ଓ ଶିକ୍ଷକ ସରୋଜ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଭାଗର କୃତୀ ପିଲାମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ନନ୍ଦିତା ପାତ୍ର, ଆରତୀବାଳା ଜେନା, ବିଭୁତି ଭଞ୍ଜ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।

